THE SUNDAY SECTION OF NITIDIN



‘କଲ୍କି-୨’ରେ ଦିଶାଙ୍କ ଭୂମିକା

ନିତିଦିନ NITIDIN

# ନଜର



ମନୋରଞ୍ଜନ | ରବିବାର ମ୍ୟାଗାଜିନ୍ | ରବିବାର, ୮ ମାର୍ଚ୍ଚ ୨୦୨୬



## ବାଟବଣା ପ୍ରେମ

# ଶ୍ରୀ ରାମକୃଷ୍ଣ ଚରିତାମୃତ ୩୬

## ମନୋଜ କୁମାର ମହାପାତ୍ର

ସୁରେନ୍ଦ୍ର ନାଥ ମିତ୍ର, ରାମଚନ୍ଦ୍ରଙ୍କର ବନ୍ଧୁ ଥିଲେ ଏବଂ ପଡ଼ୋଶୀ ଭାବେ ବାସ କରୁଥିଲେ। ସେ ଏକ ଇଂରେଜ ଫାର୍ମରେ ମହତ୍ତ୍ୱପୂର୍ଣ୍ଣ ପଦରେ ଅଧିଷ୍ଠିତ ହୋଇ ଚାକିରି କରୁଥିଲେ। ପୂର୍ବରୁ ସେ ସ୍ୱଚ୍ଛନ୍ଦ ପ୍ରକୃତିର ବ୍ୟକ୍ତି ଥିଲେ, କିନ୍ତୁ ରାମକୃଷ୍ଣଙ୍କ ସଂସ୍ପର୍ଶରେ ଆସି ଏକ ଭିନ୍ନ ମଣିଷରେ ପରିବର୍ତ୍ତିତ ହୋଇଥିଲେ। ଶ୍ରୀ ରାମକୃଷ୍ଣଙ୍କର ସୁଖ-ସୁବିଧା ପାଇଁ ମୁକ୍ତ ହସ୍ତରେ ସେ ଖର୍ଚ୍ଚ କରୁଥିଲେ। ଶ୍ରୀ ରାମକୃଷ୍ଣଙ୍କର ଦେହତ୍ୟାଗ ପରେ ବରାହନଗର ମଠରେ ପ୍ରାରମ୍ଭ-କାଳରୁ ସେ ଜଣେ ପ୍ରମୁଖ ଆଧାର ହୋଇ ବିଭିନ୍ନ ଦାୟିତ୍ୱ ତୁଲାଉଥିଲେ।

ଶ୍ରୀ ରାମକୃଷ୍ଣଙ୍କର ଅନ୍ୟ ଜଣେ ଭକ୍ତ ବଳରାମ ବୋଷଙ୍କର ଓଡ଼ିଶାରେ ଜମିଦାରୀ ଥିଲା ଓ ସେ ଜଣେ ଧନୀ ବ୍ୟକ୍ତି ଥିଲେ। ସାଲ୍ ୧୮୮୨ରେ ତାଙ୍କର ଦକ୍ଷିଣେଶ୍ୱରରେ ଶ୍ରୀ ରାମକୃଷ୍ଣଙ୍କ ସଙ୍ଗେ ପ୍ରଥମେ ଭେଟ ହୋଇଥିଲା। ଏହା ପରଠାରୁ ସେ ତାଙ୍କ ପ୍ରତି ବହୁତ ଶ୍ରଦ୍ଧାବାନ ହୋଇଉଠିଲେ ଏବଂ ଶେଷ ପର୍ଯ୍ୟନ୍ତ ଭକ୍ତିଭାବ ସହକାରେ ଶ୍ରୀ ରାମକୃଷ୍ଣଙ୍କର ଅଧିକାଂଶ ବ୍ୟକ୍ତିଗତ ଆବଶ୍ୟକତା ପୂରଣ କରୁଥିଲେ। ଶ୍ରୀ ରାମକୃଷ୍ଣ ବହୁ ସମୟରେ ତାଙ୍କର ବାଗବଜାର ସ୍ଥିତ ନିବାସସ୍ଥାନ ଠାରେ ଭକ୍ତଙ୍କ ସହିତ ଭେଟ କରୁଥିଲେ। ଭଜନ ଓ ଆଧାତ୍ମିକ ଉପଦେଶ ଦେଇ ସମୟ ବିତାଉଥିଲେ।

'ମାଷ୍ଟର ମହାଶୟ' ନାମରେ ବିଶେଷ ବିଖ୍ୟାତ କଥାମୃତର ଅମର ଲେଖକ ମହେନ୍ଦ୍ରନାଥ ଗୁପ୍ତ ସାଲ ୧୮୮୨ ମାର୍ଚ୍ଚ ମାସରେ ଦକ୍ଷିଣେଶ୍ୱରରେ ଶ୍ରୀ ରାମକୃଷ୍ଣଙ୍କୁ ପ୍ରଥମ କରି ଦର୍ଶନ କରିଥିଲେ। ସେହି ସମୟରେ ସେ ବିଦ୍ୟାସାଗର ମେଟ୍ରୋପଲିଟାନ୍ ଇନ୍‌ଷ୍ଟିଚ୍ୟୁଟ୍ (ଶ୍ୟାମ୍ ବଜାର ଶାଖା)ର ହେଡ୍‌ମାଷ୍ଟର ଥିଲେ ଏବଂ ସମଗ୍ର ଜୀବନ ଜଣେ ଶିକ୍ଷକ ଭାବରେ ବିତାଇ ଥିଲେ। ଶ୍ରୀ ରାମକୃଷ୍ଣଙ୍କର ଅନ୍ତରଙ୍ଗ ଭକ୍ତଙ୍କ ଭିତରେ ତାଙ୍କର ଏକ ଅଦ୍ୱିତୀୟ ସ୍ଥାନ ଥିଲା। ତାଙ୍କର ବ୍ୟକ୍ତିଗତ ସଂସ୍ପର୍ଶରେ ଆସି ଅନେକ ଯୁବକ ଓ ବୃଦ୍ଧ ଧର୍ମପିପାସୁ ଆଧାତ୍ମିକ ପ୍ରେରଣା ପାଇଥିଲେ। ତାଙ୍କ ଦ୍ୱାରା ସଂକଳିତ 'କଥାମୃତ' ନାମକ ଗ୍ରନ୍ଥ ମାନବର ସର୍ବୋଚ୍ଚ ଆଧାତ୍ମିକ ଅନୁଭୂତିଗୁଡ଼ିକୁ ଅତି ସରଳ ଭାଷାରେ ଲେଖିଥିଲେ ଯାହା ସମଗ୍ର ଆଧାତ୍ମିକ ସାହିତ୍ୟ କ୍ଷେତ୍ରରେ ଅତୁଳନୀୟ ଅଟେ। ଶ୍ରୀ ରାମକୃଷ୍ଣଙ୍କର ବିଭିନ୍ନ ବ୍ୟକ୍ତିଙ୍କ ସହିତ ଆଲୋଚନା ଏବଂ ଉପଦେଶକୁ ସେ ଗୋଟିଏ ଖାତାରେ ଲେଖି ରଖୁଥିଲେ। ଉକ୍ତ ଲେଖାଗୁଡିକ ଶ୍ରୀ ରାମକୃଷ୍ଣଙ୍କର ମୁଖନିଃସୃତ ବାଣୀ ଥିଲା। ପରବର୍ତ୍ତୀ କାଳରେ ଏହା 'ରାମକୃଷ୍ଣ କଥାମୃତ' ପୁସ୍ତକ ନାମରେ ପ୍ରକାଶିତ ହୋଇଥିଲା।

ଦୁର୍ଗାଚରଣ ନାଗ, ଶ୍ରୀ ରାମକୃଷ୍ଣଙ୍କର ଅନ୍ୟ ଜଣେ ପ୍ରମୁଖ ଭକ୍ତ ଥିଲେ। ସେ 'ନାଗ-ମହାଶୟ' ନାମରେ ଅଧିକ ପ୍ରସିଦ୍ଧି ଲାଭ କରିଥିଲେ। ଢ଼ାକାର ଦେବରୋଗ ଗ୍ରାମରେ ଏକ ନିର୍ଦ୍ଧନ ପରିବାରରେ ତାଙ୍କର ଜନ୍ମ। ପିଲାଟି ଦିନରୁ ହିଁ ତାଙ୍କର ସାଂସାରିକ ବନ୍ଧନରୁ ମୁକ୍ତ ହେବା ପାଇଁ ପ୍ରବଳ ଇଚ୍ଛା ଥିଲା। ତାଙ୍କୁ କୁହାଯାଇଥିଲା ଯେ-'ବିନା ଈଶ୍ୱର ଦର୍ଶନରେ ମୁକ୍ତି ନାହିଁ।' ସେ ରାତିରେ ଅନେକ ସମୟ ଧରି ପ୍ରାର୍ଥନା ଓ ଧ୍ୟାନ କରୁଥିଲେ। କିନ୍ତୁ କୌଣସି ପ୍ରକାରେ ସଫଳତା ତାଙ୍କୁ ମିଳିନଥିଲା। ଶେଷରେ କଲିକତାରେ ଡାକ୍ତରୀ ପଢ଼ିବା ଓ ଡାକ୍ତରୀ କରିବା ସମୟରେ ସେ ଶ୍ରୀ ରାମକୃଷ୍ଣଙ୍କ ପବିତ୍ର ସଂସ୍ପର୍ଶରେ ଆସିଥିଲେ ଏବଂ ଆପଣାର ପୂର୍ଣ୍ଣ ଅନାସକ୍ତି, ଦୈନ୍ୟ, ନିରଭିମାନତା ଯଥା ଚରିତ୍ରର ପବିତ୍ରତା ଫଳସ୍ୱରୂପଃ ଶ୍ରୀ ରାମକୃଷ୍ଣଙ୍କର ସର୍ବଶ୍ରେଷ୍ଠ ଗୃହୀ ଭକ୍ତମାନଙ୍କ ମଧ୍ୟରୁ ସେ ହେଲେ ଅନ୍ୟତମ।

ଗିରିଶ ଚନ୍ଦ୍ର ଘୋଷ ପ୍ରଖ୍ୟାତ ବଙ୍ଗାଳୀ ନାଟ୍ୟକାର ଏବଂ ବଙ୍ଗାଳୀ ରଙ୍ଗମଞ୍ଚର ଜନକ ରୂପେ ଘରେ ଘରେ ପରିଚିତ ଥିଲେ। ସେ ମଧ୍ୟ ଭାରତୀୟ ଜନଜୀବନରେ ଭୌତିକବାଦର ପ୍ରଥମ ଆକ୍ରମଣର ଶିକାର ହୋଇଥିଲେ। ଶ୍ରୀ ରାମକୃଷ୍ଣଙ୍କ ସମ୍ପର୍କରେ ଆସିବା ପୂର୍ବରୁ ସାଲ ୧୮୮୪ ପର୍ଯ୍ୟନ୍ତ ସେ ନିରଙ୍କୁଶ ଜୀବନ ବିତଉଥିଲେ। ତାହାପରେ ସେ ସମ୍ପୂର୍ଣ୍ଣ ପରିବର୍ତ୍ତିତ ହୋଇଗଲେ। ଶ୍ରୀ ରାମକୃଷ୍ଣଙ୍କ ପ୍ରତି ତାଙ୍କର ଶ୍ରଦ୍ଧା ଅପାର ଥିଲା। ଶ୍ରୀ ରାମକୃଷ୍ଣ ମଧ୍ୟ ତାଙ୍କର ବୁଦ୍ଧିକୁ ପ୍ରଶଂସା କରୁଥିଲେ। ତାଙ୍କର ଅପ୍ରମିତ ଭକ୍ତି ଏବଂ ଆତ୍ମସମର୍ପଣ ପାଇଁ ସେ ଶ୍ରୀ ରାମକୃଷ୍ଣଙ୍କ ମହାନତମ ଗୃହୀ ଭକ୍ତମାନଙ୍କ ମଧ୍ୟରୁ ଜଣେ ହେଇପାରିଥିଲେ। ଜଣେ ବ୍ୟକ୍ତି ନିରଙ୍କୁଶ ଭୌତିକ ଉପଭୋଗର ନିଶାରୁ କିପରି ମୁକ୍ତ ହେଇ ଆଧାତ୍ମିକ ପଥକୁ ଆପଣେଇପାରେ, ତାହାର ଜ୍ୱଳନ୍ତ ଦୃଷ୍ଟାନ୍ତ ହେଉଛନ୍ତି ଗିରିଶ ଘୋଷ। (କ୍ରମଶଃ)

ଫୋନ୍-୯୯୩୭୨୯୭୦୩୯



# ମା'ର ସ୍ନେହ : ନାରୀର ସଂସାର ଅସାର

## ଡ. ଅରୁନ୍ଧତୀ ଦେବୀ

ଯାହାର ବ୍ୟକ୍ତିତ୍ୱ ନିଷ୍ପେଷିତ ହୋଇଯାଏ ସ୍ୱାର୍ଥପର ଏଇ ସମାଜର ନାଲି ଆଖି ନିକଟରେ । ଯିଏ ଚେଷ୍ଟାକରି ମଧ୍ୟ ପାରେନାହିଁ ନିଜର ଆତ୍ମାନୁଭୂତି ବ୍ୟକ୍ତ କରି; ସେ ନାରୀ । ସାରା ଜୀବନ ଯିଏ ଧୂପକାଠିଟିଏ ପରି ତ୍ୟାଗର ସୁଗନ୍ଧିତ ଧୂମ ବିତରଣରେ ସମଗ୍ର ପରିବେଶକୁ ବାସ୍ନାରେ ଭରିଦିଏ । ଆଜି ପରିବର୍ତ୍ତିତ ସମାଜ ଯାହାକୁ କରିଚାଲିଛି ଅବହେଳିତ, ଲାଞ୍ଛିତ, ପଦାକୁ ପାଦ କାଢ଼ିଲେ, ହତ୍ୟା, ଲୁଣ୍ଠନ, ଦୁଷ୍କର୍ମ । ଖବରକାଗଜର ପୃଷ୍ଠା ଲେଉଟେଇଲେ ଯୌତୁକ ଜନିତ ବଧୂ ହତ୍ୟା, କନ୍ୟା ଭ୍ରୁଣ ହତ୍ୟା ଅଥବା ପ୍ରତାରିତ ପ୍ରେମିକର ବିଶ୍ୱାସଘାତକତା । ପୁରୁଷ ପ୍ରାଧାନ୍ୟ ସମାଜ ମାନେନା ତା'ର ମହାନତା । ସମାଜରେ ନିଜ ସ୍ଥିତିକୁ ସୂଚେଇ ଦେବାକୁ, ନିଜର ସମ୍ମାନଜନକ ସ୍ଥାନଟିଏ ଥିଲା, ଅଛି, ରହିବ ବୋଲି ଜଣାଇବାକୁ ଆଜି ପାଳିତ ହୁଏ ଆନ୍ତର୍ଜାତିକ ମହିଳା ଦିବସ । ଯେଉଁଠାରେ ନାରୀମାନଙ୍କୁ ପୂଜା କରାଯାଏ, ସେଠାରେ ଦେବତାମାନେ ବିଚରଣ କରନ୍ତି । ନାରୀର ଅସମ୍ମାନ ସମଗ୍ର ଧରିତ୍ରୀର ଅସମ୍ମାନ । ନାରୀ ବିନା ସୃଷ୍ଟି ଯେ ଅସମ୍ଭବ । ସ୍ୱାମୀ-ସ୍ତ୍ରୀ, ନାରୀ-ପୁରୁଷ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । ଏକ ବିନା ଆରେକ ସ୍ଥିତି ନାହିଁ, ପ୍ରଗତି ଆସିବ କୁଆଡୁ ? ସ୍ୱାମୀ ସାମ୍, ସ୍ତ୍ରୀ ଋକ୍ । ସ୍ୱାମୀ ଆକାଶ, ସ୍ତ୍ରୀ ପୃଥିବୀ । ଏକଥା ଭୁଲିଯାଉଛି ହୁଏତ ସମାଜ । ନାରୀକୁ କେବଳ ଶଯ୍ୟା ସଙ୍ଗୀନ, କ୍ରୀଡ଼ାନକ କରି ରଖିବାର ଲାଳସା ତାର ପ୍ରଗତି ପଥରେ ବାଧକ ହେଉଛି । ଏହି ନାରୀ ଦୁର୍ବଳା ନୁହେଁ । କନ୍ୟା, ଭଗିନୀ, ଜାୟା, ଜନନୀ ଭୂମିକାରେ ସେ ଯେତିକି ମହନୀୟା ମାହେଶ୍ୱରୀ ସାଜିପାରେ; ଅନ୍ୟାୟ, ଅନୀତି ଓ ଭ୍ରଷ୍ଟାଚାର ବିରୁଦ୍ଧରେ ମଧ୍ୟ ସେତିକି ଦୁର୍ଦ୍ଦମନୀୟା ମହାକାଳି, ମହିଷାମର୍ଦ୍ଦିନୀଙ୍କର ବିଷମୟ ରୂପ ଧାରଣ କରିପାରେ ।

ଆଜିର ମହିଳା ଦିବସ ପ୍ରସଙ୍ଗରେ ମନେପଡ଼ିଯାଉଛି ପୁରାଣର ଏକ ସ୍ମରଣୀୟ ଘଟଣାଟି । ମାଆ ତା ସନ୍ତାନଟି ପାଇଁ କେତେ ତ୍ୟାଗ ଓ ତିତିକ୍ଷା କରିପାରେ ଏହା ହିଁ ଏହି ଆଲୋଚନାର ଉପଲକ୍ଷ। ଦିନେ ଆଶ୍ରମରେ ଶିଷ୍ୟମାନଙ୍କୁ ଗୁରୁ ବୁଝାଉଥିଲେ ପିତା-ମାତାଙ୍କ ମହାନତା କେତେ। ସନ୍ତାନ ପ୍ରତି ମା'ର ନିଃସ୍ୱାର୍ଥ ପ୍ରେମ ଅନ୍ୟ କେଉଁଠି ଦେଖିବାକୁ ମିଳେନା। ଶିଷ୍ୟଗଣଙ୍କ ଉତ୍ସୁକ ନୟନକୁ ଦେଖି ଏହି ଅବସରରେ ଗୁରୁ ଏକ ସତ୍ୟ ଘଟଣାର ଅବତାରଣା କରିବାକୁ ଯାଇ କହିଚାଲିଲେ ଛୋଟ ସହରରେ ଏକ ଦମ୍ପତି ରହୁଥାନ୍ତି। ସେମାନଙ୍କର ଏକମାତ୍ର ପୁଅଟି ତୃତୀୟ ଶ୍ରେଣୀରେ ପାଠ ପଢୁଥାଏ। ବାପାଙ୍କ ଆକସ୍ମିକ ମୃତ୍ୟୁ ହୋଇଗଲା। ଆର୍ଥିକ ଅବସ୍ଥା ଭଲ ନଥାଏ। ପୁଅର ସ୍କୁଲ ହଷ୍ଟେଲରେ ମା' ରୋଷେଇ କରି କିଛି ରୋଜଗାର କରୁଥିଲେ ଏବଂ ପିଲାଟିକୁ ପାଠ ପଢ଼ାଉଥିଲେ। ପୁଅଟି ଭଲ ପାଠ ପଢୁଥାଏ। ଦିନେ ପୁଅର ଜଣେ ସାଙ୍ଗ ଥଟ୍ଟା କରି କହିଲା ଏଃ, ତୋ ମା କାଣୀ। ଅର୍ଥାତ୍ ମା'ର ଗୋଟିଏ ଆଖି ନାହିଁ। ପୁଅକୁ ଖରାପ ଲାଗିଲା। ଏମିତି ଭିନ୍ନ ଭିନ୍ନ ସମୟରେ ସେ ମନ୍ତବ୍ୟ ଶୁଣିଲା ଯେ ତାର ପରିଚୟ ହେଉଛି କାଣୀ ରୋଷେୟାଙ୍କ ପୁଅ ବୋଲି। ସେ ମନେ ମନେ ସ୍ଥିର କଲା ସହର ଛାଡ଼ି ବହୁ ଦୂରକୁ ଚାଲିଯିବ। ମା'ର ପରିଚୟ ଠାରୁ ଦୂରେଇ ଯିବ। ଭଲ ପାଠ ପଢୁଥିଲା, ବଡ଼ ସହରକୁ ଚାଲିଗଲା। ମା'ପାଖକୁ ଫେରିଲାନି, ଭାବିଲା ମା' ତା ପାଇଁ ଅଭିଶାପ। ପୁଅଠୁ ଅଲଗା ରହିବାର କଷ୍ଟ ସହି ମା' ଗାଁରେ ପଡ଼ି ରହିଲା। ପୁଅ ବଡ଼ ଅଫିସର, ବାହାସାହା ହୋଇ ସହରରେ ରହୁଛି। ଦିନେ ମା'ର ଇଚ୍ଛା ହେଲା ପୁଅ-ବୋହୂ, ନାତି-ନାତୁଣୀଙ୍କୁ ଟିକିଏ ଦେଖନ୍ତା। ପଚାରି ପଚାରି ଗଲା। ପିଲାମାନଙ୍କୁ ଘର ବାହାରେ ଠିଆ ହୋଇ ଦେଖିଲା। କିନ୍ତୁ ପୁଅ ଯେତେବେଳେ ମା'କୁ ଦେଖିଲା ଗାଳି କରି ତଡ଼ିଦେଲା। କହିଲା କାଣୀ ମା'ର ପୁଅ ବୋଲି ମୋତେ ଲାଜ ଲାଗୁଛି। ଏ ଭିତରେ କିଛି ମାସ ଚାଲିଗଲା। କ'ଣ ସରକାରୀ କାମରେ ପୁଅ ସେଇ ଗାଁକୁ ଆସିଥାଏ। କ'ଣ ମନ ହେଲା କେଜାଣି ଭାବିଲା ଜନ୍ମସ୍ଥାନ ଟିକିଏ ଦେଖିଯିବି। ଘରେ ପହଞ୍ଚିଲା ବେଳକୁ ଜାଣିବାକୁ ପାଇଲା ମାସକ ଆଗରୁ ମା' ମରିଯାଇଛି। ପଡ଼ୋଶୀ ମହିଳା ପୁଅ ନାଁରେ ଲେଖାଥିବା ଚିଠିଟିଏ ଆଣି ଦେଲେ। ସେଥିରେ ଲେଖାଥିଲା - ପୁଅ, ତୁ ଖୁସିରେ ଅଛୁ ଜାଣିଲି, ଯାହାହେଉ ତୋ ଜରିଆରେ ମୁଁ ଦୁନିଆକୁ ଦେଖିବି ବୋଲି ମୋ ଆଖି କାଢ଼ି ତୋ ଆଖିରେ ଡାକ୍ତର ଲଗାଇଥିଲେ। ମୋର ଦୁର୍ଭାଗ୍ୟ ଯେ ତୋ ସହିତ ଆଉ ଭେଟ ହୋଇପାରିଲା ନାହିଁ।' ବିଶ୍ୱ ମହିଳା ଦିବସ ଅବସରରେ ନାରୀ ସଶକ୍ତିକରଣକୁ ସମ୍ମାନ ଓ ନିଜ ମାଆ ମାନଙ୍କ ପ୍ରତି କର୍ତ୍ତବ୍ୟର ଦିଗଟିକୁ ଅନୁଚିନ୍ତନ କଲେ ଏହି ଦିବସର ଅନ୍ତର୍ନିହିତ ତାତ୍ପର୍ଯ୍ୟର ଗୁରୁତ୍ୱ ରହିବ।

**ନିର୍ଦ୍ଦେଶିକା ଓ ସମ୍ପାଦିକା, ଆନ୍ତର୍ଜାତୀୟ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,**
**ଦୂରଭାଷ : ୯୯୩୭୨୭୨୮୧୦**

ପ୍ରଚ୍ଛଦ

# ବାଟବଣା ପ୍ରେମ



**ବାଟ ହୁଡ଼ିଛି ପ୍ରେମ। ନିର୍ଭେଜାଲ ପ୍ରେମର ଉଦାହରଣ ଖୁବ୍ କମ୍। ଦୈହିକ ପ୍ରେମକୁ ନେଇ ଯାବତୀୟ ଯାତରା। କେଉଁଠି ମୁଣ୍ଡ ଗଡୁଛି ତ କେଉଁଠି ପରିବାର ବରବାଦ ହେଇଯାଉଛି। ଖବରକାଗଜ ପୃଷ୍ଠା ଓଲଟାନ୍ତୁ କି ଟିଭିର ସ୍କ୍ରିନରେ ଆଖି ବୁଲେଇ ନିଅନ୍ତୁ, ନିଶ୍ଚିତ ଭାବରେ ପ୍ରେମ ଓ ବ୍ୟଭିଚାର ସଂପର୍କରେ ଅନେକ ରୋମାଞ୍ଚକର ଦୃଶ୍ୟ ଦେଖିବାକୁ ପାଇବେ। ପ୍ରେମ ଓ ପ୍ରତାରଣାକୁ ନେଇ ଯେଉଁ ଭୁଲ ବୁଝାମଣା ହେଉଛି, ତାହା ପରୋକ୍ଷରେ ହେଉ କି ପ୍ରତ୍ୟେକ୍ଷରେ ଅପରାଧର ରୂପ ନେଉଛି। ଆଜିକାଲି ଅପରାଧ ଏଭଳି ଭାବରେ ସଂଘଟିତ ହେଉଛି, ଯାହା କୌଣସି ହରର ଫିଲ୍ମ କି ସିରିଏଲ ଠାରୁ କମ୍ ନୁହେଁ। ଏଭଳି କୁତ୍ସିତ ଭାବରେ ଘଟଣା ଘଟୁଛି, ସାରା ମାନବ ସମାଜ ତାଜୁବ୍ ହୋଇଯାଉଛି। ମଣିଷ ଯେଉଁ ପ୍ରେମକୁ ନେଇ ଉବୁଟୁବୁ ଦିନେ ହେଉଥିଲା, ତାହା କେମିତି ପରବର୍ତ୍ତୀ ସମୟରେ ହିଂସାରେ ରୂପାନ୍ତରିତ ହେଲା। ଯାହା ହୃଦୟରେ ପ୍ରେମର ଫଲଗୁ ବୋହୁଥିଲା, ସେ ତନ୍ତ୍ରୀରେ କିଭଳି ହିଂସାର ରକ୍ତ ପ୍ରବାହିତ ହେଲା...ଏମିତି ଅନେକ ଘଟଣାକୁ ପର୍ଯ୍ୟାଲୋଚନା କଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼େ। ଯେଉଁ ମଣିଷ ପ୍ରେମର ଉଷୁମ କୋଳ ଖୋଜୁଥିଲା, ସେ ମଣିଷ କିଭଳି ଭାବରେ ତାଜା ଉଷୁମ ରକ୍ତର ଆଘ୍ରାଣ କରି ଖୁସି ହୁଏ। ବିଶେଷକରି ଆଜିର ଯୁବସମାଜ ପ୍ରେମ ସହିତ ନିଶାକୁ କକ୍‌ଟେଲ କରି ଯେଭଳି ଭାବରେ ପଥଭ୍ରଷ୍ଟ ହେଉଛି, ତାହାର ଫଳସ୍ୱରୂପ ଅନେକ ଅଘଟଣ ଦେଖିବାକୁ ତ ମିଳୁଛି କିନ୍ତୁ ଉଭୟ ପରିବାର ଯେ ସେମାନଙ୍କ ସନ୍ତାନକୁ ହରାଇ ବିଳାପ କରୁଛନ୍ତି, ତାକୁ ବୁଝିବ ବା କିଏ ? କେବଳ ସେତିକି ନୁହେଁ ଏମାନେ ଘଟାଉଥିବା ଘଟଣା ଅନେକ ଯୁବ ସମାଜକୁ ବରଂ ଆହୁରି ଉତ୍ସାହିତ କରୁଥିବା ଜଣାଯାଇଛି।**

## ଘଟଣା ପଛରେ ରହସ୍ୟ:

ପ୍ରେମକୁ ନେଇ ରକ୍ତରଞ୍ଜିତ ହେଉଛି ସମୟ। ପ୍ରେମ ଆଉ ହୃଦୟ ଭିତରେ ନୁହେଁ ବରଂ ଦେହଜ ହୋଇ ଶାରୀରିକ ସଂପର୍କ ଆଡ଼କୁ ମୁହାଁଇଛି। ଆଧୁନିକତା ସାଙ୍ଗକୁ ଯେଭଳି ଭାବରେ ଇଣ୍ଟରନେଟ୍‌ର ସୁଦୂର ପ୍ରସାରୀ ହୋଇପାରିଛି, ସେତେ ସୁଲଭ ହେଉଛି ପ୍ରେମ, ସେତେ ସହଜ ହେଉଛି ଅପରାଧ। ଯୁବଗୋଷ୍ଠୀଙ୍କ ମଧ୍ୟରେ ନିଶାସେବନର ହାର ବୃଦ୍ଧି ପାଉଥିବାରୁ ସେମାନେ ପ୍ରେମକୁ ଏମିତି ଢ଼ଙ୍ଗରେ ଗ୍ରହଣ କରିଯାଇଛନ୍ତି, ଅପରାଧ ଯେମିତି ପ୍ରେମ ସହ ପାଦ ମିଶାଇ ଚାଲିଛି। ଉଚ୍ଚଶିକ୍ଷା, ଚାକିରି ପାଇଁ ଯୁବକ ଯୁବତୀମାନେ ଘର ଠାରୁ ବାହାରେ ରହୁଥିବା କାରଣରୁ ସେମାନଙ୍କ ଉପରେ କାହାର ଅଙ୍କୁଶ ମଧ୍ୟ ରହେନାହିଁ। ସେମାନେ ଚାଟିଂ, ଡ଼େଟିଂ, ଲିଭିଂ ଟୁଗେଦର ଭଳି ଜାଲରେ ପଶିବା ଓ ପରେ ଭୁଲ ବୁଝାମଣାରୁ ଜଣେ ଜଣକ ଠାରୁ ଦୂରେଇବା ଫଳରେ ଘଟୁଛି ଅଭାବନୀୟ ଘଟଣା। ସଂପର୍କ ଅନୈତିକ ତଥା ଘରଲୋକଙ୍କ ଅଜାଣତରେ ରହୁଥିବାରୁ ଅଧିକ ଦିନ ତିଷ୍ଠିପାରେ ନାହିଁ। ଫଳରେ ସେମାନଙ୍କର ସଂପର୍କ ଛିନ୍ନ ହେବା ଫଳରେ ବିବାଦ ଉପୁଜେ, ଫଳରେ ସେମାନେ ଏହି ଘଟଣାର ସମାଧାନ କରିବାକୁ ଯାଇ କରିବସନ୍ତି ସାଂଘାତିକ ଭୁଲ୍। କେବଳ ଯୁବକ ଯୁବତୀ ନୁହନ୍ତି ବିବାହିତ ପୁରୁଷ ବା ନାରୀ ମଧ୍ୟ ଠିକ୍ ସମାନପ୍ରକାର ନିଜର ପରିବାର ଥାଉ ଥାଉ ଦେହସୁଖରେ ଅନ୍ୟ ସହ ପରକୀୟା ସଂପର୍କ ସ୍ଥାପନା କରନ୍ତି, ଯାହା ପରବର୍ତ୍ତୀ ସମୟରେ ପରିସ୍ଥିତି ଜଟିଳ ହେଲେ ଖସିବାର ଉପାୟ ଖୋଜି ଅପରାଧ କରିବସନ୍ତି।



## ମୋବାଇଲରୁ ଖେଳ:

ଅନେକ ଏକାସାଙ୍ଗରେ ପାଠ ପଢ଼ିବା କି ଚାକିରି କରିବା କାରଣରୁ ସିନା ସେମାନଙ୍କ ମଧ୍ୟରେ ପ୍ରେମ ସଂପର୍କ ସୃଷ୍ଟି ହେଉଛି ଓ ପରେ ସେମାନେ ବିବାହ କରିବାର ପ୍ରତିଶ୍ରୁତି ନେଇ ସାଙ୍ଗରେ ରହୁଛନ୍ତି କିମ୍ବା ଶାରୀରିକ ସଂପର୍କ ସ୍ଥାପନ କରୁଛନ୍ତି। କିନ୍ତୁ ଅନେକ କ୍ଷେତ୍ରରେ ମୋବାଇଲ ହିଁ ମୁଖ୍ୟ କାରକ ଭାବରେ ନୂଆ ପ୍ରେମକୁ ଠାବ କରିବାକୁ ସହାୟକ ହୋଇପାରୁଛି। ଅଶିକ୍ଷିତ ହୁଅନ୍ତୁ ବା ଶିକ୍ଷିତ ଏହି ମୋବାଇଲ ସାହାଯ୍ୟରେ ଖୋଜିବସନ୍ତି ପ୍ରେମ। ସୋସିଆଲ ମିଡ଼ିଆରେ ଅନେକ ସାଇଟ୍ ରହିଛି, ଯାହା ଅଶିକ୍ଷିତ ହୁଅନ୍ତୁ କି ଶିକ୍ଷିତ ସେମାନେ ନିଜର ଦକ୍ଷତା ଅନୁସାରେ ବ୍ୟବହାର କରି ଅନ୍ୟସହ ବନ୍ଧୁତା ସ୍ଥାପନା କରିବା ଓ ପରେ ପ୍ରେମରେ ରୂପାନ୍ତରିତ ହେବା ପରେ ଶାରୀରିକ ସଂପର୍କ ସ୍ଥାପନା କରିବା କାର୍ଯ୍ୟ ଏବେ ସହଜରେ ଏହି ମୋବାଇଲ ମାଧ୍ୟମରେ ହୋଇପାରୁଛି। ଫଳରେ ନିକଟରୁ ନିକଟତର ହେବାକୁ ବେଶି ସମୟ ଲାଗୁନାହିଁ। ଏହା ସୀମା ଲଙ୍ଘିଗଲା ପରେ ପରିସ୍ଥିତି ମଧ୍ୟ ଅଣାୟତ୍ତ ହୋଇପଡୁଛି। ଯେତେବେଳେ ପରିସ୍ଥିତି ଅଣାୟତ୍ତ ହେଉଛି, ଖସିବାର ବାହାନା ଖୋଜି ଅପରାଧ କରିବାକୁ ପଛାଉ ନାହାନ୍ତି। ଯେତେ ଅଶିକ୍ଷିତ ହେଲେ ବି ମୋବାଇଲରେ ଫେସବୁକ୍ କିମ୍ବା ହ୍ୱାଟସଆପ୍ ଚଲାଇବାକୁ ବେଶି କିଛି ଜ୍ଞାନ ଆହରଣ କରିବାକୁ ପଡୁନାହିଁ। ଫଳରେ ଏହି ମାଧ୍ୟମରେ ଅନ୍ୟମାନଙ୍କ ସହ ଯୋଗାଯୋଗ ସ୍ଥାପନା କରିବାକୁ ବି କଷ୍ଟ ହେଉନାହିଁ। ସେହିଭଳି ଶିକ୍ଷିତମାନେ ବିଭିନ୍ନ ଡେଟିଂ ସାଇଟ୍, ଏସକର୍ଟ ସର୍ଭିସ ସାଇଟକୁ ଯାଇ ପ୍ରେମିକ ବା ପ୍ରେମିକା ଖୋଜିବା କିଛି କଷ୍ଟ ହେଉନାହିଁ। ନିଜର ସ୍ୱପ୍ନକୁ ରଙ୍ଗୀନ କରିବାକୁ ନୂଆ ନୂଆ ପ୍ରେମିକା କି ପ୍ରେମିକ ଖୋଜିବା କଷ୍ଟ




ହେଉନାହିଁ । ଆଜିର ମାନସିକତା ଏଭଳି ହୋଇଗଲାଣି, ପୁଅ ହେଉ କି ଝିଅ, ସମସ୍ତେ କିଛି ଦିନ ପରେ ନିଜର ମନର ମଣିଷକୁ ପରିବର୍ତ୍ତନ କରିବା ଯେମିତି ଏକ ଟ୍ରେଣ୍ଡ ହୋଇଗଲାଣି ।

## କବଳିତ କରିଛି ନିଶା:

ପ୍ରେମକୁ ନେଇ ଯେତେସବୁ ବିଭ୍ରାଟ ଦେଖାଯାଉଛି, ଅଧିକାଂଶ ସହରାଞ୍ଚଳରେ ଦେଖିବାକୁ ମିଳୁଛି । ଏସବୁ ପଛରେ ମୁଖ୍ୟ କାରଣ ଭାବରେ ନିଶାସେବନ କରୁଥିବା ଯୁବକଯୁବତୀମାନେ ଭୁଲ କରିବସୁଛନ୍ତି । ସେମାନେ ନିଶାଗ୍ରସ୍ତ ହେଲା ପରେ ଭୁଲ କଣ, ଠିକ୍ କଣ ଜାଣି ପାରୁନାହାନ୍ତି । ଫଳରେ ଲେଟ୍ ନାଇଟ୍ ଯାଏ ପବ୍ ପାର୍ଟି, ରେଭ୍ ପାର୍ଟି, ଡ଼୍ୟାନ୍ସ ବାର ଆଦିରେ ରାତି କଟାଇ ଫେରିବା ପରେ ଘରବାହୁଡ଼ା ନହୋଇ କିଏ କାହା ସାଙ୍ଗରେ ସହମତିରେ ନିଶାଗ୍ରସ୍ତ ଭାବରେ ପଳାଇବା କିମ୍ବା କୌଣସି ଲୋଭରେ ବଶବର୍ତ୍ତୀ ହୋଇ ଯିବା ଓ ସେଠାରେ ନିଜର ଅସଂଯତ ମୁହୂର୍ତ୍ତର ଫଟୋ ଯଦି କେହି ଚଞ୍ଚକତା କରି ଉତ୍ତୋଳନ କଲା, ପରେ ଭାଇରାଲ କଲା, ତାହାମଧ୍ୟ ଅପରାଧିକ ମାମଲା ସହ ଯୋଡ଼ି ହୋଇଗଲା । ଏଭଳି ନିତିନିତି ଅନେକ ଘଟଣା ଲୋକଲୋଚନାକୁ ଆସିଲେ ଏହାର କାରଣ ଓ ପ୍ରତିକାର କେବଳ ଆଇନକାନୁନ ମାଧ୍ୟମରେ ଗେଉଛି ସିନା କୌଣସି ସୁଫଳ ମିଳିପାରୁନାହିଁ ।

## ପ୍ରେମର ପୁନରାବୃତ୍ତି:

ଆଜିକାଲି ଜଣେ ପୁରୁଷ ଜଣେ ନାରୀକୁ ନେଇ କିମ୍ବା ଜଣେ ନାରୀ ଜଣେ ପୁରୁଷକୁ ନେଇ ସନ୍ତୁଷ୍ଟ ହେବା ସଂଖ୍ୟା କମ୍ । ବାରମ୍ବାର ପ୍ରେମରେ ପଡ଼ିବା କିମ୍ବା ବହୁବ୍ୟକ୍ତିଙ୍କ ସହ ପ୍ରେମରେ ବାନ୍ଧିହୋଇ ନିଜର ଲାଳସା ଚରିତାର୍ଥ କରିବାର ଆକାଙ୍କ୍ଷା ଅନେକଙ୍କ ଠାରେ ଦେଖିବାକୁ ମିଳୁଛି । ଭାରତୀୟ ଜୀବନ-ଦର୍ଶନରେ ଯଦିଓ ଏଭଳି ବସ୍ତୁବାଦୀ ଚିନ୍ତାଧାରା ଲୋକମାନଙ୍କ ପାଖରେ ନଥିଲା କିନ୍ତୁ କ୍ରମଶଃ ଉତ୍ତରଆଧୁନିକତା ଆଡ଼କୁ ମଣିଷ ଅଗ୍ରସର ହୋଇ ନିଜକୁ ଅଧିକ ଉଚ୍ଚାଭିଳାଷି କରିବା ଫଳରେ ଏଭଳି ମାନବିକ ବିପର୍ଯ୍ୟୟମାନ ଦେଖିବାକୁ ମିଳୁଛି । ପୂର୍ବରୁ ଭାରତୀୟ ଜୀବନଦର୍ଶନରେ ଯେଭଳି ଭାବରେ ନୀତି ଆଦର୍ଶ, ପାରିବାରିକ ଶୃଙ୍ଖଳା ଦେଖିବାକୁ ମିଳୁଥିଲା, ଆଜିକାଲି ପ୍ରାୟ ଦେଖିବାକୁ ମିଳୁନାହିଁ । ଫଳରେ ପରିବାରବାଦ ବିଚ୍ଛିନ୍ନ ହୋଇ ଯେଭଳି ଭାବରେ ସାମାଜିକ ବିଘଟନ ଘଟୁଛି, ଛୋଟ ପରିବାର ସୁଖୀ ପରିବାର ନାଁରେ କ୍ରମଶଃ ବ୍ୟକ୍ତି ସ୍ୱଚ୍ଛାଚାରିତା ବୃଦ୍ଧି ପାଇବାରେ ଲାଗିଛି । ସେଥିପାଇଁ ପରିବାରର ଲୋକସଂଖ୍ୟା କମ୍ ହେବା କାରଣରୁ କେହି ନା କେହି ରୋଜଗାର କରିବା ଉଦ୍ଦେଶ୍ୟରେ ଘର ବାହାରେ ରହିଲେ, ଅନ୍ୟଜଣକ ପାଇଁ ଯେଉଁ ସୁଯୋଗ ସୃଷ୍ଟି ହୁଏ, ତାହା ପ୍ରେମ କି ପରକୀୟା ପାଇଁ କୌଣସି ଅସୁବିଧା ରହେନାହିଁ । ଆଜିକାଲି ଜଣେ ପୁରୁଷ ଅନେକ ନାରୀଙ୍କୁ, ଜଣେ ନାରୀ ଅନେକ ପୁରୁଷଙ୍କ ସହ ସଂପର୍କ ରଖିବା ଏକ ପ୍ରକାର ସାଧାରଣଘଟଣା ହୋଇଗଲାଣି । ଏହା କେତେକାଂଶରେ ଲୁଚାଛପାରେ ତ କେତେକାଂଶରେ ଖୁଲମଖୋଲା ଭାବରେ ଦେଖିବାକୁ ମିଳୁଛି । ଏମିତି ବି ଦେଖିବାକୁ ମିଳୁଛି ଉଭୟ ସ୍ୱାମୀ-ସ୍ତ୍ରୀ ସହମତିରେ ଉଭୟ ଅନେକଙ୍କ ସହ ସଂପର୍କ ରଖିବାକୁ କୌଣସି ପାପବୋଧ ମଧ୍ୟରେ ଗଣନା କରୁନାହାନ୍ତି । ପ୍ରେମର ଏହି ପୌନଃପୁନିକତା ଶେଷରେ ଯେଉଁ ବିଷାଦ ଆଣୁଛି, ତାହା ଆତ୍ମହତ୍ୟା, ହତ୍ୟା, ଛାଡ଼ପତ୍ର ଭଳି ଅନେକ ନାରକୀୟ କାର୍ଯ୍ୟକୁ ପ୍ରୋତ୍ସାହିତ କରୁଛି । ସାମାଜିକ ବ୍ୟବସ୍ଥା ଏଥିପାଇଁ ବିଗିଡ଼ି ଯାଉଛି ।



## ଦୂରେଇ ଯାଉଛି ଆଧ୍ୟାତ୍ମିକତା-

ସମୟ ଥିଲା ଲୋକମାନଙ୍କ ମନରେ ଧାର୍ମିକ ଭୟ ରହୁଥିଲା । ଲୋକେ ପାପ-ପୁଣ୍ୟର ବିଚାର କରି କୁକାର୍ଯ୍ୟ କରିବା ପାଇଁ ପଛେଇ ଯାଉଥିଲେ । ଝିଅଟିଏ ନିଜ ଇଚ୍ଛାରେ ନୁହେଁ ବରଂ ବାପାମାଆମାନେ ଉପଯୁକ୍ତ ପାର୍ଥୀ ଦେଖି ବିବାହ କରାଉଥିଲେ । ସେ ଯାଏ ଝିଅଟି ତା ମନର ମଣିଷକୁ ଅପେକ୍ଷା କରି ନାନା ଓଷାବ୍ରତ ପାଳନ କରୁଥିଲା । ଯେଉଁଥିପାଇଁ ଖୁଦୁରୁକୁଣି,କୁମାରପୂନେଇଁ ଭଳି ଓଷା କରି ନିଜର ଅଭିଳିଷିତ ପୁରୁଷ ଉଦ୍ଦେଶ୍ୟରେ ନିଜକୁ ସମର୍ପି ସେମିତି କୁଆଁରୀ ହୋଇ ରହୁଥିଲା । ଜୀବନର ପ୍ରଥମ ପୁରୁଷ ହିଁ ଚଉଠି ରାତିରେ ଭେଟ ହେଉଥିଲା, ଯାହାକୁ ଦେହ-ମନ ଏକାତ୍ମ ଭାବରେ ସମର୍ପି ଦେଉଥିଲା । ସେ ହିଁ ତାର ଏକମାତ୍ର ଇହକାଳ ଓ ପରକାଳର ଦେବତା ହେଉଥିଲା । ପୁରୁଷଟିଏ ମଧ୍ୟ ସଂସାର ଧର୍ମ ପାଳନ କରି ଏକପତ୍ନୀବ୍ରତା ହୋଇ ରହୁଥିଲା । ଆଦର୍ଶ ପରିବାରଟିଏ ସଂରଚନା କରୁଥିଲା । ଉତ୍ତମ ସନ୍ତାନଟିଏ ଜନ୍ମ ଦେଇ ସମାଜରେ ଭଲ ମଣିଷଟିଏ ଭାବରେ ଗଢ଼ିବାର ସଂକଳ୍ପ ନେଉଥିଲା । ଏବେ ସମୟ ବଦଳିଛି, ବିବାହ ପୂର୍ବରୁ ଅନେକ ପୁରୁଷଙ୍କ ସହ ଝିଅଟିଏ, ଅନେକ ନାରୀଙ୍କ ସହ ପୁଅଟିଏ ସଂପର୍କ ରଖି ସଂସାର କରିବା ପୂର୍ବରୁ ସାଂସାରିକ ଜୀବନକୁ ଉପଭୋଗ କରିଛନ୍ତି ।



ଫଳରେ ବିବାହକୁ ସାମାଜିକ ବ୍ୟବସ୍ଥାର ଏକ ଅଂଶ ଭାବରେ ନିଆଯାଉଥିଲେ କେହି ଭଲଭାବରେ ପରିପାଳନ କରିବା ଦେଖାଯାଉନାହିଁ । ଉପରେ ଉପରେ ସଂସାର ଠିକରେ ଚାଲିବା ଭଳି ଲାଗିଲେ ବି ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଆଗଭଳି ଭଲ ସଂପର୍କ ଅନେକଙ୍କର ନାହିଁ । ବିଶେଷକରି ଏହି ପିଢ଼ିର ଅନେକ ସ୍ୱାମୀ ଥାଇ ଅନେକ ପୁରୁଷଙ୍କ ସହ ଓ ସ୍ତ୍ରୀ ଥାଇ ଅନେକ ନାରୀଙ୍କ ସହ ସଂପର୍କ ତିଆରି କରି ପରକୀୟା ପୀରତିରେ ମଜ୍ଜି ଯାଉଛନ୍ତି । ପତିବ୍ରତା କି ପତ୍ନୀବ୍ରତା ହେଲେ ପରିବାର କି ପିଲାଙ୍କ ଉପରେ କୌଣସି ବିପଦ ନପଡ଼ିବା ଭଳି ବିଶ୍ୱାସ ପୂର୍ବରୁ ରହିଥିଲା । ସେଥିପାଇଁ ଲୋକଙ୍କ ମନରେ ଆଧ୍ୟାତ୍ମିକ ଭୟ ରହିଥିଲା, କୌଣସି ଭୁଲ କାମ କରିବାକୁ । ପୂର୍ବରୁ ମଧ୍ୟ ଅନେକ ପୁରାଣଶାସ୍ତ୍ର ଆମର ପୂର୍ବଜମାନେ ପଠନ କରୁଥିବା କାରଣରୁ ସେମାନଙ୍କ ମଧ୍ୟରେ ଆଧ୍ୟାତ୍ମ ଭାବ ରହୁଥିଲା । ସେଥିପାଇଁ ସାମାଜିକ ଭାବରେ ଏହି ଭାବଧାରା ବଜାୟ ରଖି ନିଜକୁ ନୀତି ଆଦର୍ଶ ମଧ୍ୟରେ ବାନ୍ଧି ରଖୁଥିଲେ ।

## ପ୍ରେମ ଠାରୁ ବଳିଯାଇଛି ପରକୀୟା-

ଆଜିକାଲି ପ୍ରେମ ଠାରୁ ବଳିଯାଉଛି ପରକୀୟା । ନିଜର ସାମୟିକ ସୁଖ ପାଇଁ ନିଜ ପରିବାର କି ପିଲାଛୁଆଙ୍କୁ ପଛକରି ମଧ୍ୟ ବୟସ୍କ ତଥା ବୟସ୍କମାନେ ଯେଭଳି ଭାବରେ ପ୍ରେମ ବ୍ୟାପାରରେ ମୁଣ୍ଡ ପୂରାଉଛନ୍ତି, ସେଥିରେ ଅନେକ ବିଭ୍ରାଟ ଦେଖିବାକୁ ମିଳୁଛି । ଏହି ପ୍ରେମ ବେଶିଦିନ ତିଷ୍ଠୁନାହିଁ । ବରଂ ହାଟରେ ପଡ଼ି ଦାଣ୍ଡରେ ଗଡୁଛି । ରକ୍ତରଞ୍ଜିତ ହୋଇଯାଉଛି ପ୍ରେମର ଏହି କଦର୍ଥ ପରକୀୟାର ରୂପ ।

## ଡ୍ୟାନ୍ସ ବାରରେ ଝୁମୁଛି ପ୍ରେମ-

ପ୍ରେମ ଏବେ ଡ୍ୟାନ୍ସବାରରେ ଝୁମୁଛି ଅଧା ଲଙ୍ଗଳା ହୋଇ । ରାତିରେ ଘରକୁ ଫେରିବା ବେଳକୁ ବାଟରୁ ହଜିଯାଉଛି ଚରିତ୍ର । କୁଆଁରୀ ଦେହଟା ସିଝିଯାଉଛି ନିଶାଡ଼ି ପ୍ରେମିକର ଓଠ କାମୁଡ଼ାରେ । ଦେହରୁ ନିଶା ଉତୁରିଲା ବେଳକୁ ଉତୁରୀ ଯାଉଛି ଦେହର ଉତ୍ତେଜନା । ଦେହକୁ ପାଲିସ କରି ପୁଣି ନୂଆରାତିଟିଏକୁ ଅପେକ୍ଷା କରିବାକୁ ପଡୁଛି । ପୁଣି ଝୁମିବାକୁ, ଚୁମିବାକୁ, ଭିଜିବାକୁ ଆଉଥରେ । ପ୍ରେମ ସରିଯାଉନି ବରଂ ଦେହର ସଳିତାକୁ ଆଉ ଟିକେ ତେଜ କରି ଦେଉଛି ନିଶାର ନିମିତ୍ତ ଉତ୍ତେଜନା । ରାତି ବଢ଼ିଲେ ସହରର କମ୍ପନ ବଢୁଛି । ଦୁଲୁକୁଛି ସହରର ଛାତି । ମତୁଆଲା ହୋଇ ଦେହରେ ଦେହ ମିଶେଇ ନାଚ ଚାଲୁଛି ସକାଳ ଯାଏ । ମଧୁଶାଳାରେ କେବଳ ମଦ୍ୟପାନ ନୁହେଁ ବରଂ ବ୍ରାଉନସୁଗାର ଭଳି ନିଶାରେ ଚୁର୍ ହୋଇ ଯୁବକଯୁବତୀ ଯେଭଳି ଭାବରେ ଜୀବନକୁ ଉପଭୋଗ କରୁଛନ୍ତି, ତାହା ବେଶି ଦିନ ସ୍ଥାୟୀ ହେଉନାହିଁ । କିଛିଦିନ ପରେ ନୂଆ ନୂଆ ସାଥୀ ଖୋଜିବାରେ ଲାଗିପଡୁଛନ୍ତି । ଯେଉଥିପାଇଁ ଚାଲୁଛି ତୁମୁଳକାଣ୍ଡ, ବଢୁଛି ବିଷାଦ, ଆତ୍ମହତ୍ୟା, ହତ୍ୟା ଭଳି ଘଟଣା ଏହାର ମୁଖ୍ୟ କାରଣ ହୋଇଯାଉଛି ।

## ପ୍ରେମରେ ବି ଆତ୍ମନିର୍ଭରଶୀଳ-

ଆଜିକାଲି ପୁଅ ହେଉକି ଝିଅ, ଅଳ୍ପପାଠୁଆ ହୁଅନ୍ତୁ କି ଶିକ୍ଷିତ । କେହି

ଘରେ ବସିବାକୁ ଚାହୁଁନାହାନ୍ତି। ସମସ୍ତେ ଆତ୍ମନିର୍ଭରଶୀଳ ହେବାକୁ ବିଭିନ୍ନ ସହରରେ ଯାଇ ଚାକିରି କରୁଛନ୍ତି। ଏହି ସମୟରେ ସେମାନେ ନିଜ ପାଇଁ ଖୋଜି ନେଉଛନ୍ତି ବନ୍ଧୁ କି ବାନ୍ଧବୀ। ସେମାନେ ଘରଠାରୁ ବାହାରେ ରହୁଥିବା କାରଣରୁ ରହୁନାହିଁ ଲଗାମ। ଫଳରେ ପ୍ରେମ ନାଁରେ ନିଜ ଦେହସୁଖ ମେଣ୍ଟାଇବାକୁ ଆଗେ ଚାହୁଁଛନ୍ତି। ସଂପର୍କ କିଛିଦିନ ଧରି ଚାଲିବା ପରେ ସେମାନଙ୍କ ମଧ୍ୟରେ ଫାଟ ସୃଷ୍ଟି ହେଉଛି। ପ୍ରେମର ପୂର୍ଣ୍ଣଚ୍ଛେଦ ପଡ଼ିବା ପୂର୍ବରୁ ମୋବାଇଲରେ କଏଦ ହୋଇଯାଉଛି ଅନେକ ଅସଙ୍ଗତ ଭିଡ଼ିଓ କି ଫଟୋ। ବ୍ଲାକମେଲିଂ ନାଁରେ ଥାନାରେ ପହଞ୍ଚୁଛି ମାମଲା। ନ୍ୟାୟ ମିଳୁ କି ନମିଳୁ ବେରାସ୍ତାରେ ଚାଲୁଛି ଜୀବନ।

## ବିବାହର ପ୍ରଲ୍ଲୋଭନ-

କେବଳ ସ୍ୱଳ୍ପଶିକ୍ଷିତ ଝିଅମାନେ ପ୍ରେମରେ ଫସିଯାଉଛନ୍ତି, ସେମିତି ନୁହେଁ ବରଂ ଉଚ୍ଚଶିକ୍ଷିତ ଝିଅମାନେ ମଧ୍ୟ ଏହି ପ୍ରେମଜାଲରେ ଛନ୍ଦି ହୋଇ ଛଟପଟ ହେଉଛନ୍ତି। ବିବାହର ପ୍ରଲୋଭନ ଦେଖାଇ ପୁଅଟି ଶାରୀରିକ ସଂପର୍କ ରଖିବା କଥା କହି ଥାନାରେ ଏତାଲା ଦେଉଛନ୍ତି। ଏସବୁ କ୍ଷେତ୍ରରେ ବୁଝାପଡୁନାହିଁ, ପ୍ରକୃତରେ ଭୁଲ କାହାର ? ପ୍ରାପ୍ତ ବୟସ୍କ ତଥା ଶିକ୍ଷିତ ଝିଅଟିଏ ଶାରୀରିକ ସଂପର୍କ ରଖିବା ଆଗରୁ କଣ ଜାଣିପାରୁ ନଥିଲା, ନା ବିବାହ ପୂର୍ବରୁ ଶାରୀରିକ ସଂପର୍କ ରଖିବା ଭୁଲ ଜାଣି ନଥିଲା। ଏକପାଖିଆ ଭାବରେ ବିବାହର ପ୍ରଲୋଭନ ଦେଖାଇ କେହି ଜଣେ କଣ ଶାରୀରିକ ସଂପର୍କ ରକ୍ଷା କରିପାରିବ ? ଉଭୟ ସହମତିରେ ପ୍ରେମ ସହିତ ସମ୍ବନ୍ଧ ରଖିବା ପରେ ସଂପର୍କର ଫାଟ ପରେ ଏସବୁ ଘଟଣାକୁ ଜନସମାଜ ଆଗରେ ଉପସ୍ଥାପନା କରିବା ଦ୍ୱାରା ସମାଜ ଉପରେ ଖରାପ ପ୍ରଭାବ ପକାଇଥାଏ। ଏହି ମାମଲାରେ ବୁଝାପଡ଼େନାହିଁ, ପ୍ରକୃତରେ କିଏ କାହାକୁ ପ୍ରତାରଣା କରେ।



## ହନିଟ୍ରାପ୍-

ରାଜ୍ୟରେ ହେଉ କି ଦେଶରେ କେବଳ ମହିଳାମାନଙ୍କୁ ପୁରୁଷମାନେ କେବଳ ନୁହନ୍ତି ବରଂ ମହିଳାମାନେ ମଧ୍ୟ ପୁରୁଷଙ୍କୁ ହନିଟ୍ରାପରେ ଫସାଇ ପ୍ରେମ ନାଁରେ ଶାରୀରିକ ସଂପର୍କ, ପରେ ଅଶ୍ଳୀଳ ଭିଡ଼ିଓ ଉତ୍ତୋଳନ କରି ବ୍ଲାକମେଲିଂ କରିବା ଓ ଅର୍ଥ ଆଦାୟ କରିବା ଭଳି ଘଟଣା ପ୍ରତ୍ୟେହ ଦେଖିବାକୁ ମିଳୁଛି। ଏହି ହନିଟ୍ରାପରେ ଶିକାର ହୋଇଥିବା ପୁରୁଷମାନେ ଲୋକଲଜ୍ୟାକୁ ଲକ୍ଷ୍ୟ କରି ମୋଟାଅଙ୍କର ଅର୍ଥଦାନ କରିବାକୁ ବି ପଛାଇ ନଥାନ୍ତି। ଫଳରେ ଏହିଭଳି ଘଟନା ଲୋକଲୋଚନକୁ ଆସିବା ପରେ ଏହାକୁ ବି ଅନେକ ଝିଅ କି ମହିଳା ନିଜର ସୁନ୍ଦର ସେହେରା ମାଧ୍ୟମରେ ବ୍ୟବସାୟିକ ନେଟଓ୍ୱାର୍କ ଆରମ୍ଭ ହୋଇଯାଏ ।

## ବଢ଼ିଛି ଆତ୍ମହତ୍ୟା-

ଦେଖିବାକୁ ମିଳୁଛି ପ୍ରେମ ବ୍ୟାପାରକୁ ନେଇ ଅନେକ ଆତ୍ମହତ୍ୟା କରୁଛନ୍ତି। ପ୍ରେମରେ ବିଫଳ ହେବା ଦ୍ୱାରା ମାନସିକ ଭାରସମ୍ୟ ହରାଇ ଯୁବଗୋଷ୍ଠୀ ଏଭଳି ଚରମ ନିଷ୍ପତ୍ତି ନେଉଛନ୍ତି। ବାସ୍ତବରେ ପ୍ରେମ ଯେତେବେଳେ ଦେହଜ ସୁଖକୁ ରୂପାନ୍ତରିତ ହୁଏ, ସେତେବେଳେ ବିଚ୍ଛେଦ ଅନେକ କଷ୍ଟ ଦିଏ। ସେଥିପାଇଁ ଏହି ଅସହ୍ୟତାର ରୂପ ନିଏ ଆତ୍ମହତ୍ୟା।

## ଶେଷବିକଳ୍ପ କଣ ହତ୍ୟା-

ଆଜିକାଲି ପ୍ରେମରେ ସଫଳ କି ବିଫଳ ଯାଏ କଥା ଯାଉନାହିଁ। ଅଧାରାସ୍ତାରୁ ଅଟକି ଯାଇଥିବା ପ୍ରେମ ବାଟବଣା ହୋଇଯାଉଛି। ଯେଉଁ ପୁରୁଷମାନେ ଅଧିକ ଯୌନସୁଖ ଖୋଜନ୍ତି, ସେମାନେ ପ୍ରେମର ଅର୍ଥ କିଛି ବୁଝନ୍ତି ନାହିଁ। ନିଜର ଧନ, ପ୍ରତିପତ୍ତି ଦେଖାଇ ଯୁବତୀମାନଙ୍କୁ ପ୍ରେମରେ ଫସାଇ କିଛିଦିନ ସଂପର୍କ ରଖିବା ପରେ ଖୋଜନ୍ତି ଆହୁରି ଅନେକ ଯୁବତୀଙ୍କ ଦେହସୁଖ। ଯେଉଁ ଯୁବତୀ ବିବାହ ଆଶାରେ ଶାରୀରିକ ସଂପର୍କ ରଖୁଥିଲା, ଯଦି ବିବାହ ପାଇଁ ବାଧ୍ୟ କରେ ରାସ୍ତାରୁ ହଟାଇଦେବା ପାଇଁ ଯୋଜନା କରନ୍ତି। ଫଳରେ ହତ୍ୟା କରିବା ପରେ ସମସ୍ତ ପ୍ରମାଣ ଲିଭାଇବାକୁ ବିଭିନ୍ନ କିଲର ସାଇଟରୁ ବୈଷୟିକ ଜ୍ଞାନ ଆହରଣ କରି କାର୍ଯ୍ୟ ସମ୍ପାଦନ କରନ୍ତି। ବାସ୍ତବରେ ଶେଷବିକଳ୍ପ କଣ ପ୍ରେମରେ କେବଳ ହତ୍ୟା!

---

**ମନକୁ ଆସିଲା ଯାହା ୬୦**

# କିଛି ବି...ମାନେ କିଛି ବି...!!



**ସୌମ୍ୟଶ୍ରୀ ପାଣିଗ୍ରାହୀ**

ଆପଣ ସେଇ ଅଦ୍ଭୁତ ଅଦୃଶ୍ୟ ପୋଷାକର କାହାଣୀ ଶୁଣିଥିବେ ନିଶ୍ଚୟ। ରାଜା ଆଦେଶ ଦେଲେ ଏକ ସ୍ୱତନ୍ତ୍ର ପୋଷାକ ପାଇଁ। ଅନେକ ଶିଳ୍ପୀ ଆସିଲେ, ସେମାନେ ଯାହା ବି ନମୁନା ଦେଖେଇଲେ ରାଜାଙ୍କ ମନକୁ କିଛି ପାଇଲାନି। ଶେଷରେ ଜଣେ କାରିଗର ଆସିଲେ, ରଖିଲେ ଅଜବ ସର୍ତ୍ତ। ଅଦୃଶ୍ୟ ଭାବେ ହାତ ହଲେଇ ବୁଣିବାର ଅଭିନୟ କଲେ କିଛିଦିନ। ଶେଷରେ ରାଜାଙ୍କୁ ଭେଟି ଦେଲେ ଏକ ଅପୂର୍ବ ଅଦୃଶ୍ୟ ପୋଷାକ। ସର୍ତ୍ତ ଏୟା ଯେ, ପାପୀ ଲୋକଙ୍କୁ ସେ ପୋଷାକ ଦେଖା ଯିବନି। ରାଜାଙ୍କୁ ସେ ଅଦୃଶ୍ୟ ପୋଷାକ ଦେଖା ନଗଲେ ବି କାଳେ ସେ ପାପୀ ବୋଲି ଲୋକେ କହିଦେବେ, ସେ କହିଲେ ପୋଷାକ ଦିଶୁଛି। କାରିଗର ନିଜ ପାଉଣା ନେଇ ଚାଲିଗଲା। ରାଜା ବି ଅଦୃଶ୍ୟ ପୋଷାକ ପିନ୍ଧିବାର ଅଭିନୟ କଲେ। ଏଥର ରାଜା ବାହାରିଲେ ଶୋଭାଯାତ୍ରାରେ। ଅଦୃଶ୍ୟ ପୋଷାକ କାହାରିକୁ ଦେଖାଯାଉନି, କିନ୍ତୁ ପାପୀ ବୋଲି ଜଣାପଡିଯିବାର ଭୟରେ ସଭିଁଏ କହିଚାଲିଛନ୍ତି 'ୱାହ...ୱାହ... ବଢିଆ ଦିଶୁଛି, ରଙ୍ଗବେରଙ୍ଗ ଝାଲରରେ ସଜ୍ଜିତ ପୋଷାକ'। ରାଜା ବି ଉତଫୁଲ୍ଲିତ ହୋଇ ଆତ୍ମହରା ହେଇଚାଲିଛନ୍ତି। ଏତିକି ବେଳେ ଘଟିଲା ଅଘଟଣ। ଏ ପାପ ପୁଣ୍ୟର ହିସାବ ଜାଣି ନଥିବା କୁନି ପିଲାଟିଏ ଚିତ୍କାର କରିକହିଲା, 'ଆରେ...ଦେଖରେ, ରାଜା ତ ଲଙ୍ଗଳା ହେଇଛନ୍ତି'।

ଏଇଠି କାହାଣୀ ସରିଗଲା ସିନା, ଗୋଟିଏ କଥା କିନ୍ତୁ ଶିଖେଇ ଦେଇ ଗଲା। ଲୋକଙ୍କୁ ବୋକା ବନେଇବା, ଭକୁଆ ବନେଇ ଟଙ୍କା ଲୁଟିବା, କେତେ ସହଜ ସତରେ। ଏଇଠି ମନେ ପଡୁଛି ଇଟାଲୀର ଶିଳ୍ପୀ ସାଲଭାଟୋର ଗରାଉଙ୍କ କଥା। ୨୦୨୧, ମଇ ମାସରେ ସେ ତିଆରି କରିଥିଲେ ଏକ ଅଦୃଶ୍ୟ କଳାକୃତି। ପ୍ରକୃତରେ ସେ କିଛି ବି ତିଆରି କରି ନଥିଲେ। ୫ଢ୫ ବର୍ଗଫୁଟ ଜାଗାରେ କେବଳ ଥିଲା ଶୂନ୍ୟସ୍ଥାନ ଓ ନାମ ଦେଇଥିଲେ 'ଲୋ ସୋନୋ' ଯାହାର ଅର୍ଥ, 'ମୁଁ'। କିଛି ନଥିବା ଶୂନ୍ୟତାର ଅବଧାରଣାକୁ ବୁଝାଉଥିବା ଏହି କଳାକୃତିକୁ ବି ସେ ବିକିଥିଲେ ପ୍ରାୟ ୧୮୫୦୦ ଡଲାର ବା ଭାରତୀୟ ମୁଦ୍ରାରେ ୧୬ ଲକ୍ଷ ୫୦ ହଜାର ଟଙ୍କାରେ। ଏବେ ଭାବନ୍ତୁ ନିଜ ଘରେ ଏହି ଶୂନ୍ୟ ସ୍ଥାନ (ଏକ କାଳ୍ପନିକ ଅଦୃଶ୍ୟ ଚିତ୍ର)କୁ ବି ଏତେଗୁଡା ଟଙ୍କା ଦେଇ କିଣିନେବା ପାଇଁ ଲୋକ ମାନେ ଧାଡି ଲଗେଇ ଥିଲେ। ଲୋକମାନେ ବାୟା ନା ପାଗଳା। କିଛି ନଥିବା ରିକ୍ତସ୍ଥାନ ପାଇଁ ଏତେ ଅର୍ଥଶ୍ରାଦ୍ଧ। ଏହା ପୁଣି ଥରେ ପ୍ରମାଣିତ କରି ଦେଲା ଯେ, ଦୁନିଆରେ ପାଗଳମାନଙ୍କର ଅଭାବ ନାହିଁ ଓ ବିକି ପାରିଲେ କିଛି ବି ବିକ୍ରୀ କରାଯାଇପାରେ।

ଏଇ ଯେମିତି ଅଷ୍ଟ୍ରେଲିଆର କ୍ୱିନ୍ସଲାଣ୍ଡର ମୋନିକା ଜେରେମି। ନିଜର ପଢାଖର୍ଚ୍ଚ ତୁଲେଇବା ପାଇଁ ଆରମ୍ଭ କଲେ ଏକ ଅଦ୍ଭୁତ କୌଶଳ। ନିଜ ଘରେ ନିଜ ବିଛଣାରେ ସେ ଏକା ଶୋଉଥିବାରୁ, ବିଛଣାର ବଳକା ଅଂଶକୁ ଭଡା ଲଗେଇବାକୁ ବିଜ୍ଞାପନ ଦେଲେ। ଏମିତି ଏକ ବିଚିତ୍ର ବ୍ୟବସ୍ଥାକୁ ଲୋକେ ନାପସନ୍ଦ କରିଥିବେ ବୋଲି ଭାବୁଛନ୍ତି କି ? ନାଁ, ବରଂ ଏବେ ତାଙ୍କର ଏହି ଅଭିନବ ଚିନ୍ତାଧାରାକୁ ପରଖିବା ପାଇଁ ହଜାର ହଜାର ଆବେଦନକାରୀଙ୍କ ଲମ୍ବା ଧାଡି ଲାଗିଛି ଓ ସେ ମଧ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରିସାରିଲେଣି ଯା ଭିତରେ। ତାଙ୍କଠୁଁ ଅନୁପ୍ରାଣିତ ହୋଇ ସାରା ବିଶ୍ୱରେ ଏହି ବ୍ୟବସ୍ଥାର ଆହୁରି ଅନେକ ଅନୁସରଣକାରୀ ବାହାରିଲେଣି। ଯାକୁ ଆଜିକାଲି ଇଣ୍ଟରନେଟ ଭାଷାରେ 'ହଟବେଡିଂ' କହୁଛନ୍ତି ପରା।

ଆଜିକାଲି ଲୋକେ ଏମିତି ଅଦ୍ଭୁତ ଚିଜମାନ ବିକ୍ରୀକରୁଛନ୍ତି ଯେ, ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ। ଆପଣ କେବେ ପାଡ଼ (ଅପାନ ବାୟୁ) ବିକ୍ରିହେବା ଶୁଣିଛନ୍ତି। ସାମାଜିକ ଗଣମାଧ୍ୟମରେ ନିଜକୁ ବିଜ୍ଞପିତ କରି ନିଜର ଅପାନବାୟୁକୁ ସୁନ୍ଦର ଜାରରେ ଭର୍ତ୍ତିକରି, ପୁଣି ଦୀର୍ଘଦିନ ଏହାର ଦୁର୍ଗନ୍ଧକୁ ସୁରକ୍ଷିତ ରଖିବା ପାଇଁ ସେଥିରେ ଫୁଲର ପାଖୁଡା ଭର୍ତ୍ତି କରି ବିକ୍ରୀ କରୁଛନ୍ତି ଷ୍ଟିଫାନୀ ମାଟ୍ଟୁ ନାମକ ମହିଳା। ୨୦୨୧ରୁ ସେ ଆରମ୍ଭ କରିଥିବା ଏହି ବ୍ୟବସାୟରୁ ଏଯାବତ ୨ ଲକ୍ଷ ଡଲାର ଆୟ କରିସାରିଥିବା ବେଳେ ସ୍ୱାସ୍ଥ୍ୟଗତ କାରଣରୁ ଏବେ ଏଥିରୁ ବିରତି ନେଇଛନ୍ତି। ତାଙ୍କ କହିବା ଅନୁସାରେ ଗ୍ରାହକଙ୍କ ଚାହିଦା ମୁତାବକ ଅଲଗା ଅଲଗା ଦୁର୍ଗନ୍ଧଯୁକ୍ତ ଅପାନ ବାୟୁ ପ୍ରସ୍ତୁତ କରିବାକୁ ତାଙ୍କୁ ଦୁନିଆ ଯାକର ଏଣୁତେଣୁ ଜିନିଷ ଖାଇବାକୁ ପଡୁଥିଲା। ଫଳରେ ଦେହ ଖରାପ ହେବାରୁ ସେ ବେପାର ଛାଡିଦେଲେ। ଏବେ କିନ୍ତୁ ଚୀନର ଚେଙ୍ଗ ୱିଙ୍ଗ ଓ କିଆରା କିଙ୍ଗ ଏହି ପାଡ଼ (ଅପାନ ବାୟୁ) ବେପାରରେ ବୋତଲ ପିଛା ୨୫୦୦୦ ଟଙ୍କା ରୋଜଗାର କରୁଛନ୍ତି। ଏଥିରୁ ଗୋଟିଏ କଥା ସ୍ପଷ୍ଟ ବୁଝାପଡୁଛି ଯେ, ପୃଥିବୀରେ ପାଗଳାମୀର ସୀମା ନାହିଁ। ଲୋକେ ନିଜ ଉଦ୍ଭଟ ଖିଆଲକୁ ଚରିତାର୍ଥ କରିବା ପାଇଁ କିଛି ବି କରିବାକୁ ପ୍ରସ୍ତୁତ। କେବଳ ଚର୍ଚ୍ଚାରେ ରହି ଶିରୋନାମା ପାଲଟିବା ପାଇଁ ଲୋକେ କିଛି ବି କରିପାରନ୍ତି । ଏପରି ଉଦ୍ଭଟ ଚିନ୍ତା ନହେଲେ କିଏ କାହିଁକି କରନ୍ତା। ପାଡ଼ ର କିଣାବିକା ଠାରୁ ଆଉ ହାସ୍ୟାସ୍ପଦ କଥା କିଛି ଅଛି। କିଛି ବି... ମାନେ କିଛି ବି...!!

ଯଦି ଆମେ ପୃଥିବୀର ସବୁଠାରୁ ବିଚିତ୍ର କିଣାବିକା ବିଷୟରେ ଟିକେ ମୁଣ୍ଡ ଖେଳେଇବା ତେବେ ମୁଣ୍ଡଟିଣ ହେବା ଥୟ। କେବଳ ଗୋଟେ ସେଲୋଟେପ (ଅଠା) ମାଧ୍ୟମରେ କାନ୍ଥରେ ଲଟକା ହେଇଥିବା କଦଳୀ ଗୋଟେ ବି ଥରେ ବିକ୍ରୀ ହୋଇଥିଲା ୧.୨ ଲକ୍ଷ ଡଲାର ବା ପ୍ରାୟ ୨ କୋଟି ଟଙ୍କାରେ। ସେମିତି ଜଣେ କିଏ ବୋତଲ ଭିତରେ ଗୋଟେ ଭୁତକୁ ବନ୍ଦ କରି ରଖିଥିବାର ଦାବୀ କରି ତାକୁ ବି ୫୬୦୦୦ ଡଲାର ବା ୧ କୋଟି ଟଙ୍କାରେ ବିକ୍ରୀ କରିଦେଇଥିଲା। ଏକ ସାଣ୍ଡୱିଚ (ପାଉଁରୁଟି) ଯେଉଁଥିରେ ଯିଶୁଖ୍ରୀଷ୍ଟଙ୍କ ମୁହଁ ଅଙ୍କିତ ହେବା ପରି ଦେଖାଯାଉଥିଲା... ତା' ପାଇଁ ବି ୨୮୦୦୦ ଡଲାର ବା ୫୦ ଲକ୍ଷରେ ନିଲାମ ଡକା ଯାଇଥିଲା। ଅଷ୍ଟ୍ରେଲିଆର ଜଣେ ଯୁବକ ନିଜ ପତ୍ନୀଙ୍କ ସହ ବିବାହ ବିଚ୍ଛେଦ ପରେ ଏତେ ଭାଙ୍ଗି ପଡିଲେ ଯେ, ନିଜ ଜୀବନକୁ ବିକ୍ରୀ କରିଦେବା ପାଇଁ ନିଲାମ ଡାକିଲେ। ନିଜ କାର, ଚାକିରୀ, ସାମାଜିକ ଗଣମାଧ୍ୟମର ସମସ୍ତ ପରିଚୟ, ଏପରିକି ନିଜ ଜୀବନକୁ ନିଲାମ କରିଦେଇ ସେ ପାଇଥିଲେ ୩.୫ ଲକ୍ଷ ଡଲାର ବା ପ୍ରାୟ ୩ କୋଟି ଟଙ୍କା। ସତରେ ଏ କିଣା ବିକାର ସଂସାର କେତେ ବିଚିତ୍ର ଦେଖିଲେ ତ'। ଏଠି କିଛି ବି ବିକ୍ରୀ ହୋଇପାରେ। ଖାଲି କିଣିବା ଲୋକ ମିଳିଲେ ହେଲା।

ଏଇ ସ୍ତମ୍ଭରେ ମୁଁ କାନାଡାର ୟୁଟ୍ୟୁବର/ବ୍ଲଗର କାଇଲ ମାକଡୋନାଲ୍ଡଙ୍କ କଥା ଲେଖିଥିଲି। ସେ ୨୦୦୫ ରେ ଆରମ୍ଭ କଲେ ଏକ ଅଦ୍ଭୁତ ଖେଳ। ନିଜ ପାଖରେ ଥିବା ଏକ ନାଲି ପେପର କ୍ଲିପ (ଯାହାର ମୂଲ୍ୟ ମାତ୍ର ୨ ଟଙ୍କା)କୁ ସେ ଅନ୍ୟକାହା ସହ ବଦଳକରିବାକୁ ଚାହିଁଲେ। ସର୍ତ୍ତ କେବଳ ଏତିକି ଯେ, ବିନିମୟରେ ତାଙ୍କୁ କିଛି ଅଧିକ ମୂଲ୍ୟର ଜିନିଷ ମିଳୁଥିବା ଦରକାର। ଯେମିତି ସେ ପେପର କ୍ଲିପ ବିନିମୟରେ ପ୍ରଥମେ ପାଇଲେ କଲମ ଟିଏ। ପୁଣି ତାକୁ ଦେଇ ଆଉ ଜଣଙ୍କୁ ଠୁଁ ଆଣିଲେ ଗ୍ୟାସ ଷ୍ଟୋଭଟିଏ। ପୁଣି ଆଉ କିଛି, ଆଉ କିଛି। ଏମିତି ବଢ଼ି ବଢ଼ି ଡ଼ିଜେଲ ଇଂଜିନକୁ ଦେଇ ସେ ପାଇଲେ ଗାଡିଟିଏ। ଗାଡି ବଦଳରେ ମିଳିଲା ହଲିଉଡର ଏକ ସିନେମାରେ ଅଭିନୟ କରିବାର ସୁଯୋଗ। ସେ ତାକୁ ବି ଅନ୍ୟ କାହାକୁ ଦାନ କରି ଶେଷରେ ପାଇଲେ ପ୍ରାୟ ୨ କୋଟି ମୂଲ୍ୟର ଘରଟିଏ। ପ୍ରାୟ ୨ ବର୍ଷ ଭିତରେ ୧୪ଟି ସୋପାନ ଦେଇ ଗତିକରି ଏକ ପେପର କ୍ଲିପ ବିନିମୟରେ ସେ ପାଇଲେ ଘରଟିଏ। ଏଥିସହ ସେ ପୁଣିଥରେ ପ୍ରମାଣିତ କରିଦେଲେ ଯେ, ଦୁନିଆରେ କିଛି ବି ଅସମ୍ଭବ ନୁହେଁ। ହାତରେ ପଇସା କଉଡ଼ି ନଥିଲେ ମଧ ଯଦି ମୁଣ୍ଡରେ ବୁଦ୍ଧି ଅଛି ତେବେ ପେଟ ଅପୋଷା ରହିବନି କି ମୁଣ୍ଡକୁ ଛାତର ଅଭାବ ରହିବନି।

ଏଇଠି ଗୋଟେ କଥା ମନକୁ ଆସୁଛି। ପ୍ରକୃତରେ ଏସବୁ ଜିନିଷ କେହି କିଣୁଛି ନା କେବଳ ଲୋକ ଦେଖାଣିଆ ଚର୍ଚ୍ଚାରେ ରହିବାଲାଗି ଏତେ ନାଟକବାଜୀ। ଯିଏ ଯାହାବି କରୁ, ଅଯଥାରେ ଗୁଡାଏ ପ୍ରଚାର ପ୍ରସାର ତ ମିଳିଯାଉଛି। ନହେଲେ ନିଜର ପାଡ, ନିଜ ବିଛଣାର ଅର୍ଦ୍ଧେକକୁ କିଏ ଭଡ଼ା ଲଗାଏ ? ପୁଣି ଅଦୃଶ୍ୟ କଳାକୃତି ପାଇଁ ବି ଏତେ ଟଙ୍କା ନିଲାମ ଡକା ହୁଏ..!! ପୁଣି କଦଳୀ, ଭୁତ, ପାଉଁରୁଟି...!! ଏସବୁ କେବଳ ତୁଚ୍ଛା ପାଗଳାମୀ ନୁହେଁ ତ' ଆଉ କଣ ? ଆଜିର ସମୟରେ ଚର୍ଚ୍ଚାରେ ରହିବା ପାଇଁ ଲୋକ କିଛି ବି କରିବାକୁ ପ୍ରସ୍ତୁତ। ଯେତେ ଉଦ୍ଭଟ ହେଲେ ବି ଲୋକଲଜ୍ୟାକୁ ଭୟ ନାହିଁ। କେବଳ ଲୋକମୁଖରେ ପ୍ରସିଦ୍ଧି ଦରକାର। ସିଧାକଥାରେ, ଅର୍ଣ୍ଣବ ଗୋସ୍ୱାମୀଙ୍କ ଭାଷାରେ କହିଲେ, ପ୍ରଚାର ପାଇଁ କିଛିବି କରିବାକୁ ତୟାର ଆମେ...!! କିଛି ବି...ମାନେ କିଛି ବି...!! ବୁଝି ପାରିଲେ ତ'...!!

-ଛାଇ, ଜଗନ୍ନାଥ ବିହାର
ଭଦ୍ରକ, ମୋ-୭୦୦୮୬୦୧୧୬୧

ଫ୍ୟାସନ୍

# ଅନ୍‌ଲାଇନ୍‌ରୁ ଅର୍ଡର କରୁଛନ୍ତି କି ଡ୍ରେସ୍

**ଆଜିକାଲି ଆମେ ସମସ୍ତେ ଅନ୍‌ଲାଇନ୍‌ରୁ ଅଧିକାଂଶ ସାମଗ୍ରୀ ଅର୍ଡର କରୁଛନ୍ତି। ବିଶେଷକରି ଗହଣା, ଡ୍ରେସ୍, ବିଭିନ୍ନ କସ୍‌ମେଟିକ୍ ନିଜିଷ ଅର୍ଡର କରିଥାନ୍ତି। ଅନ୍ୟ କଥା ଯାହା ହେଉ ଡ୍ରେସ୍ କିଣିବାବେଳେ ସର୍ତକତା ଅବଲମ୍ବନ କରିବା ଜରୁରୀ। ଅନ୍‌ଲାଇନ୍‌ରେ ଅନେକ ଡ୍ରେସ୍ ମନପସନ୍ଦର ହୋଇଥିଲେ ବି ପାଖରେ ପହଞ୍ଚିବାବେଳକୁ ମନକୁ ପାଇ ନଥାଏ ଓ ପୁଣିଥରେ ରିଟର୍ଣ୍ଣ କରିବାକୁ ପଡ଼ିଥାଏ। ଏସବୁ କ୍ଷେତ୍ରରେ ସତର୍କତା ଅବଲମ୍ବନ ନକଲେ ଆମକୁ ଅସୁବିଧାରେ ପଡ଼ିବାକୁ ହୁଏ କିମ୍ବା ସମସ୍ୟା ସୃଷ୍ଟି ହୋଇଥାଏ। ଆସନ୍ତୁ ଜାଣିବା ଡ୍ରେସ୍ ମଗାଇବା ପୂର୍ବରୁ କିଭଳି ସତର୍କତା ଅବଲମ୍ବନ କରିବାକୁ ପଡ଼ିବ।**



- ପ୍ରଥମେ ନିଜ ସାଇଜର ଡ୍ରେସ୍ ମଗାନ୍ତୁ। ରେଗୁଲାର ଯେଉଁ ସାଇଜ୍ ପିନ୍ଧୁଛନ୍ତି, ସେହି ସାଇଜ୍‌ର ଡ୍ରେସ୍ ଯଦି ମିଳୁଛି ମଗାନ୍ତୁ, ନଚେତ୍ ପସନ୍ଦ ଆସିଯାଉଛି ବୋଲି ଟିକେ ବଡ଼ କି ଛୋଟ ମଗାନ୍ତୁ ନାହିଁ।
- ଅନ୍‌ଲାଇନ୍‌ରେ ବିକ୍ରି କରୁଥିବା କମ୍ପାନୀ ନିର୍ଦ୍ଦିଷ୍ଟ ପୋଷାକର ରେଟିଂ ମଧ୍ୟ ତଳେ ସୂଚିତ କରିଥାନ୍ତି ଅର୍ଥାତ କେଉଁ ପୋଷାକ କେତେ ଲୋକ କେତେଦିନରେ ଅର୍ଡର କରିଛନ୍ତି, ତାହା ବି ଦେଖନ୍ତୁ। ଅନେକ ପୋଷାକ ଭଲ ଲାଗୁଥିଲେ ବି ବେଶି କିଛି ରେଟିଂ ନଥାଏ। ତାହାର କାରଣ ହେଲା ପ୍ରଥମେ ପ୍ରଥମେ ଯେଉଁ କେତେଜଣ ଲୋକ ମଗାଇଥାନ୍ତି, ତାହା ଯଦି ଭଲ ପଡ଼ି ନଥାଏ, ଆଉ ଲୋକ ସେହି ଡ୍ରେସ୍ ପ୍ରତି ଆଗ୍ରହ ପ୍ରକାଶ କରି ନଥାନ୍ତି।
- ଯେଉଁ କମ୍ପାନୀରୁ ମଗାଉଛନ୍ତି, ଦେଖନ୍ତୁ ସେ କମ୍ପାନୀ କିଭଳି ଭାବରେ ସେବା ଦେଇପାରୁଛି। ଅନେକ କମ୍ପାନୀ ନିର୍ଦ୍ଦିଷ୍ଟ ସମୟରେ ଡେଲିଭରି ଦେଇ ନଥାନ୍ତି। ଏପରିକି ନିଜର ଆବଶ୍ୟକତା ସମୟ ଠାରୁ ଅଧିକ ଦିନ ନେଇଥାନ୍ତି। ଯଦି ଠିକ୍ ସମୟରେ ନିଜର ଡ୍ରେସ୍ ନମିଳେ, ତା'ହେଲେ ଅର୍ଡର କରିବା କିଛି ଲାଭ ହୋଇ ନଥାଏ।
- ଡ୍ରେସ୍ କଲେକସନ୍ କରିବା ପୂର୍ବରୁ ସମ୍ପୂର୍ଣ୍ଣ ଅବଗତ ହୁଅନ୍ତୁ ଅର୍ଥାତ ଯାହା ଫିଚର୍ ଦେଇଥାଏ, ଭଲଭାବରେ ପଢ଼ି ଅର୍ଡର କରନ୍ତୁ।
- ଡ୍ରେସ୍‌ଗୁଡ଼ିକର ଡିସପ୍ଲେ ଯେଭଳି ଭାବରେ ଦିଆଯାଇଥାଏ, ବାସ୍ତବରେ ସେଭଳି ସବୁଗୁଡ଼ାକ ହୋଇ ନଥାଏ। ଭାବନ୍ତୁ ଯେଉଁ ଡ୍ରେସ୍ କିଣୁଛନ୍ତି, ତାହା ଆପଣଙ୍କୁ କିଭଳି ମାନିବ।
- କଲେଜ ପଢୁଆ କିମ୍ବା ଟିନ୍‌ଏଜ୍‌ର ଝିଅମାନେ ଭେରାଇଟି କଲେକସନ୍ ଉପରେ ଗୁରୁତ୍ୱ ଦେଇଥାନ୍ତି। ଏଭଳିକି ଅନେକ ଦେଖିଲା ପରେ ସ୍ଥିର ନକରି ଶେଷକୁ ଭୁଲ୍ ଜିନିଷଟିକୁ ବାଛିଥାନ୍ତି ଓ ପରବର୍ତ୍ତୀ ସମୟରେ ଫେରାଇ ମଧ୍ୟ ଥାଆନ୍ତି। ଏଭଳି କ୍ଷେତ୍ରରେ ପ୍ରଥମେ ଭାବିଚିନ୍ତି ସ୍ଥିର କରନ୍ତୁ, କାହାକୁ କିଣିବେ ଓ କାହାକୁ କିଣିବେ ନାହିଁ।

ରୋଷେଇ ଘରୁ

# ମୂଳା ଖଟା

ଆବଶ୍ୟକ ସାମଗ୍ରୀ- ବଡ଼ ସାଇଜର ମୂଳା-୪ଟି, ବଡ଼ ଟମାଟୋ-୨ଟି, ଦୁଇ ଚାମଚ ସୋରିଷ, ଚାରି/ପାଞ୍ଚ କୋଲା ରଶୁଣ, ୨ଟି ଗୋଟା ଶୁଖିଲା ଲଙ୍କା, ୨ଟି କଞ୍ଚା ଲଙ୍କା, ୧ଚାମଚ ଜିରା।



ପ୍ରସ୍ତୁତି- ପ୍ରଥମେ ମୂଳାକୁ ଭଲଭାବରେ ଚୋପା ଛଡ଼େଇ ଟିକେ ବଡ଼ ବଡ଼ ସାଇଜରେ କାଟନ୍ତୁ। ମୂଳାକୁ କଡ଼ାଇରେ ଲୁଣ ଓ ହଳଦୀ ଦେଇ ସିଝାନ୍ତୁ। ଦୁଇ ଚାମଚ ସୋରିଷ, ଚାରି/ପାଞ୍ଚ କୋଲା ରଶୁଣ, ୨ଟି ଗୋଟା ଶୁଖିଲା ଲଙ୍କା, ୧ଚାମଚ ଜିରା ମିଶାଇ ଭଲଭାବରେ ଗ୍ରାଇଣ୍ଡିଂ କରନ୍ତୁ। କଡ଼ାଇରେ ୨ଚାମଚ ସୋରିଷ ତେଲ ପକାନ୍ତୁ। ତେଲ ଗରମ ହେଲା ପରେ ଗୋଟା ସୋରିଷ ଅଳ୍ପ କିଛି ପକାନ୍ତୁ। ସୋରିଷ ଫୁଟିବା ପରେ ଗ୍ରାଇଣ୍ଡିଂ କରାଯାଇଥିବା ମସଲାକୁ ପକାଇ ଦୁଇଟି ଟମାଟୋକୁ ଛୋଟ ଛୋଟ ଖଣ୍ଡ କରି କାଟି ପକାନ୍ତୁ। ମସଲା ଭଲଭାବରେ କଷି ହୋଇଗଲା ପରେ ସିଝିଯାଇଥିବା ମୂଳାକୁ ପକାଇ ୫ମିନିଟ୍ ପାଇଁ ଛାଡ଼ି ଦିଅନ୍ତୁ। ଗ୍ୟାସ୍ ବନ୍ଦ କରିବା ପରେ କିଛି ଧଣିଆପତ୍ର ପକାଇ ପରଷି ଦିଅନ୍ତୁ।



## ସାପ୍ତାହିକ ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା

ନିମାପଡ଼ା, ପୁରୀ, ମୋବାଇଲ୍: ୯୭୭୭୨୫୨୨୪୦

**ମେଷ** ରବିବାର ଓ ସୋମବାର କର୍ମକ୍ଷେତ୍ରରେ ଆନନ୍ଦପ୍ରାପ୍ତ ହେବ। ମଙ୍ଗଳବାରଠାରୁ ଗୁରୁବାର ପର୍ଯ୍ୟନ୍ତ ଉଦ୍ୟମ ସାଫଲ୍ୟତା ଲାଭ। ଆର୍ଥିକ ପରିସ୍ଥିତି ଭଲ ରହିବ। ଶୁକ୍ରବାର ଓ ଶନିବାର ମଧ୍ୟମ ସଫଳତା ମିଳିବ। ପ୍ରତିକାର: ବିଷ୍ଣୁ ପ୍ରଚୋଦୟାତ୍ ମନ୍ତ୍ର ଜପ କରନ୍ତୁ।

**ବୃଷ** ରବିବାର ଓ ସୋମବାର ସମସ୍ୟାଯୁକ୍ତ ହେବେ। ଋଣଭାର ବୃଦ୍ଧି ଘଟିବ। ମଙ୍ଗଳବାର ଓ ବୁଧବାର ମଧ୍ୟମ ଫଳ ପ୍ରାପ୍ତି। ବନ୍ଧୁ ସହଯୋଗ ପାଇପାରନ୍ତି। ଗୁରୁବାରଠାରୁ ଶନିବାର ପର୍ଯ୍ୟନ୍ତ କର୍ମକ୍ଷେତ୍ର ଓ ବ୍ୟବସାୟରେ ସଫଳତା ପ୍ରାପ୍ତି ହେବ। ପ୍ରତିକାର: ରୁଦ୍ରାଷ୍ଟକ ପାଠ କରନ୍ତୁ।

**ମିଥୁନ** ରବିବାର ପାରିବାରିକ ଅଶାନ୍ତି ସୃଷ୍ଟି ହେବ। ସୋମବାର ଓ ମଙ୍ଗଳବାର ଅତୀତର କର୍ମ ନେଇ ପଶ୍ଚାତାପ୍ କରିବେ। ବୁଧବାର ଓ ଗୁରୁବାର ଲୋକସମ୍ପର୍କ ବୃଦ୍ଧିଘଟିବ। ଶୁକ୍ରବାର ଓ ଶନିବାର ପ୍ରତିଷ୍ଠାଯୁକ୍ତ ହେବେ। ବାଣିଜ୍ୟରେ ଆୟ ବୃଦ୍ଧିହେବ।ପ୍ରତିକାର: ଗଣେଶଙ୍କୁ ପୂଜା କରନ୍ତୁ।

**କର୍କଟ** ରବିବାରଠାରୁ ମଙ୍ଗଳବାର ପର୍ଯ୍ୟନ୍ତ ସମୟ ଅନୁକୂଳ ରହିବ। ଆର୍ଥିକ ସମୃଦ୍ଧି ହେବ। ଶାରୀରିକ ଅସୁସ୍ଥତା ଦେଖାଦେବ। ଶୁକ୍ରବାର ଓ ଶନିବାର ଯୋଜନାନୁସାରେ କାର୍ଯ୍ୟକରି ସାଫଲ୍ୟତା ପାଇବେ। ପ୍ରତିକାର: ଓଁ ହ୍ରିଂ ଓଁ ମନ୍ତ୍ର ଜପ କରନ୍ତୁ।

**ସିଂହ** ରବିବାର ଓ ସୋମବାର ସନ୍ତାନହେତୁକ ଗର୍ବ ଅନୁଭବ କରିବେ। ମଙ୍ଗଳବାରଠାରୁ ଗୁରୁବାର ପର୍ଯ୍ୟନ୍ତ ସମୟ ଆପଣଙ୍କୁ ସଫଳତା ପ୍ରଦାନ କରିବ। ଦ୍ରବ୍ୟ ଚୋରି ହୋଇପାରେ। ପ୍ରତିକାର: ଆଦିତ୍ୟ ହୃଦୟ ସ୍ତୋତ୍ର ପାଠକରି ଜଳଦାନ କରନ୍ତୁ।

**କନ୍ୟା** ରବିବାର ପାରିବାରିକ ଅଶାନ୍ତି ଦେଖାଦେଇପାରେ। ସୋମବାର ଓ ମଙ୍ଗଳବାର କାର୍ଯ୍ୟରେ ସ୍ଥିରତା ପ୍ରାପ୍ତି। ବୁଧବାର ଓ ଗୁରୁବାର ଲାଭବାନ ହେବେ। ଶୁକ୍ରବାର ଓ ଶନିବାର ନୂତନ କାର୍ଯ୍ୟାରମ୍ଭ କରିବେ। ପାରିବାରିକ ଶାନ୍ତି ପାଇବେ। ପ୍ରତିକାର: ଓଁ ଲଂ ଲଜ୍ଞତାଭ୍ୟାଂ ମନ୍ତ୍ର ଜପ କରନ୍ତୁ।

**ତୁଳା** ରବିବାର ଆତ୍ମନିର୍ଭରଶୀଳ ହେବେ। ସୋମବାର ଓ ମଙ୍ଗଳବାର ଜଗିରଖି ଚଳିବା ଆବଶ୍ୟକ। ବୁଧବାର ଓ ଗୁରୁବାର କାର୍ଯ୍ୟ ସିଦ୍ଧି ହେବ। ପୈତୃକ ସମ୍ପତ୍ତିରୁ ଲାଭବାନ ହେବେ। ପ୍ରତିକାର: ଓଁ ନମଃଶିବାୟ ମନ୍ତ୍ର ଜପକରି ଜଳାଧିବାସ କରନ୍ତୁ।

**ବିଛା** ରବିବାର ସ୍ଥିରଚିତ୍ତ ହୋଇ କାର୍ଯ୍ୟ କରିବେ। ସୋମବାର ମଙ୍ଗଳବାର ଉଦ୍ୟମେ କାର୍ଯ୍ୟ ସିଦ୍ଧି। ବୁଧବାର ଓ ଗୁରୁବାର ଜଗିରଖି ଚଳିବେ। ଦାମ୍ପତ୍ୟ ଜୀବନରେ କଳହ ହୋଇପାରେ।ପ୍ରତିକାର: ଓଁ ହଂ ପବନ ନନ୍ଦନାୟ ସ୍ୱାହା ମନ୍ତ୍ର ଜପ କରନ୍ତୁ।

**ଧନୁ** ରବିବାର ଓ ସୋମବାର କର୍ମାନୁରୂପ ଫଳ ପ୍ରାପ୍ତି ହେବ। ମଙ୍ଗଳବାର ଓ ବୁଧବାର ଉଚ୍ଚପଦସ୍ଥ ଅଧିକାରୀଙ୍କଠାରୁ ବିପଦ ଦେଖାଦେଇପାରେ। ଲାଞ୍ଚ ମିଛଠାରୁ ଦୂରେଇ ରହିବା ଭଲ। ପ୍ରତିକାର: ମା'ତାରାଙ୍କ କବଚ ପାଠ କରନ୍ତୁ।


**ମକର** ରବିବାରଠାରୁ ମଙ୍ଗଳବାର ପର୍ଯ୍ୟନ୍ତ କାର୍ଯ୍ୟରେ ସହଯୋଗ ପ୍ରାପ୍ତି ହେବ। ବିବେକ ଅନୁମୋଦିତ କାର୍ଯ୍ୟ କରି ପ୍ରଶଂସିତ ହେବେ। ବୁଧବାରଠାରୁ ଗୁରୁବାର ଦେବଦର୍ଶନରେ ଆନନ୍ଦ ପାଇବେ। ପ୍ରତିକାର: ଶ୍ରୀ ଶିବ ସହସ୍ର ନାମ ପାଠ ସହ ଜଳାଧିବାସ କରନ୍ତୁ।

**କୁମ୍ଭ** ରବିବାର ଓ ସୋମବାର ଜଗିରଖି ଚଳିବେ। ମାନସିକ ଦୁଃଶ୍ଚିନ୍ତା ଦେଖାଦେଇପାରେ। ମଙ୍ଗଳବାରଠାରୁ ଗୁରୁବାର ପର୍ଯ୍ୟନ୍ତ କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ଅଯଥା ହସ୍ତକ୍ଷେପ କରନ୍ତୁ ନାହିଁ। ବିପଦରେ ପଡ଼ିପାରନ୍ତି। ପ୍ରତିକାର: ରୁଦ୍ରାଷ୍ଟକ ପାଠ କରନ୍ତୁ।

**ମୀନ** ରବିବାରଠାରୁ ମଙ୍ଗଳବାର କାର୍ଯ୍ୟରେ ସଫଳତା ଲାଭ କରିବେ। ବୁଧବାର ଓ ଗୁରୁବାର କର୍ମକ୍ଷେତ୍ରରେ ସଫଳତା ଓ ଧନଲାଭ ହେବ। ଶୁକ୍ରବାର ଓ ଶନିବାର ମଧ୍ୟମ ସଫଳତା ଲାଭ ହେବ। ପ୍ରତିକାର :ଓଁ ନାରାୟଣ ବିଦ୍ମହେ ବାସୁଦେବାୟ ଧୀମହି ତନ୍ନୋ ବିଷ୍ଣୁ ପ୍ରଚୋଦୟାତ୍ ମନ୍ତ୍ର ଜପ କରଣୀୟ।

ପ୍ରକୃତି ଓ ପର୍ଯ୍ୟଟନ

# ପକ୍ଷୀ ଅଭୟାରଣ୍ୟ ଗଡ଼ଗ



ପ୍ରକୃତିପ୍ରେମୀଙ୍କ ପାଇଁ ଗଡ଼ଗ ସହର ଏକ ସତନ୍ତ୍ର ଆକର୍ଷଣ। ମଗଦୀସ୍ଥିତ ପକ୍ଷୀ ଅଭୟାରଣ୍ୟରେ ବୁଲି ଆପଣ ବହୁ ବିରଳ ପକ୍ଷୀଙ୍କୁ ଦେଖିବା ସହିତ ସମୃଦ୍ଧ ଜୈବ ବିବିଧତାର ଚମତ୍କାରିତାକୁ ଅନୁଭବ କରିପାରିବେ। କର୍ଣ୍ଣାଟକର ପଶ୍ଚିମରେ ଅବସ୍ଥିତ ଗଡ଼ଗ ଏକ ଛୋଟ ସହର। ୪୬୫୬ ବର୍ଗ କିଲୋମିଟର ଅଞ୍ଚଳରେ ବ୍ୟାପ୍ତ ଏହି ସହର ତା'ର ଐତିହ୍ୟ, ସୁନ୍ଦର କାରୁକାର୍ଯ୍ୟ ମଣ୍ଡିତ ମନ୍ଦିର, ମସ୍‌ଜିଦ, ବାସ୍ତୁକଳା, ପକ୍ଷୀ ଅଭୟାରଣ୍ୟ ପାଇଁ ପ୍ରସିଦ୍ଧିଲାଭ କରିଛି। ପ୍ରତ୍ୟେକ ଦିନ ଏ ସହରକୁ ବିଭିନ୍ନ ସ୍ଥାନରୁ ହଜାର ହଜାର ପର୍ଯ୍ୟଟକ ଆସନ୍ତି। ଭାରତୀୟ ବାସ୍ତୁକଳାକୁ ମନଭରି ଉପଭୋଗ କରିବା ସହିତ ନୂଆ ଅନୁଭୂତି ନେଇ ଫେରନ୍ତି। ଚାଲୁକ୍ୟ ବଂଶର ରାଜାମାନେ ଗଡ଼ଗର ଅଧିକାଂଶ ମନ୍ଦିର ନିର୍ମାଣ କରିଥିଲେ। ଗଡ଼ଗସ୍ଥିତ ମନ୍ଦିରର କାରୁକାର୍ଯ୍ୟ ଦେଖି ଚାଲୁକ୍ୟ ରାଜାମାନଙ୍କର କଳା ପ୍ରତି ଅନୁରାଗ ଅନୁଭବ କରିହୁଏ। ବିଭିନ୍ନ ମନ୍ଦିରର କାନ୍ଥରେ ଖୋଦେଇ ହୋଇଥିବା ମୂର୍ତ୍ତି, ଚିତ୍ରକଳା ଅତୀତର ବୈଭବଶାଳୀ କାହାଣୀ ବର୍ଣ୍ଣନା କରେ। କେବଳ ବାସ୍ତୁକଳା କାହିଁକି, ଏହି ସବୁ ମନ୍ଦିରଗୁଡ଼ିକର ଧାର୍ମିକ ମହତ୍ତ୍ୱ ମଧ୍ୟ କିଛି କମ୍ ନୁହେଁ। ଏହି ସବୁ ଧାର୍ମିକ ପୀଠଗୁଡ଼ିକ ଭଗବାନ ଶିବ, ବିଷ୍ଣୁ ଓ ବ୍ରହ୍ମାଙ୍କୁ ସମର୍ପିତ।











## ମଗଦୀ ପକ୍ଷୀ ଅଭୟାରଣ୍ୟ

ଗଡ଼ଗ ଆସିବା ପରେ ଆପଣ ଏହାର ଆଖପାଖରେ ଥିବା ଅନେକ ମନ୍ଦିର ମଧ୍ୟ ବୁଲି ଦେଖିପାରିବେ। ଏଗୁଡ଼ିକ ମଧ୍ୟରେ ରହିଛି ବୀର ନାରାୟଣ, ଡମ୍ବାଲା ଓ କାଶୀବିଶ୍ୱେଶ୍ୱର ମନ୍ଦିର। ପ୍ରକୃତିପ୍ରେମୀଙ୍କ ପାଇଁ ମଧ୍ୟ ଗଡ଼ଗ ସହର ଏକ ସ୍ୱତନ୍ତ୍ର ଆକର୍ଷଣ। ମଗଦୀସ୍ଥିତ ପକ୍ଷୀ ଅଭୟାରଣ୍ୟରେ ବୁଲି ଆପଣ ବହୁ ବିରଳ ପକ୍ଷୀଙ୍କୁ ଦେଖିବା ସହିତ ସମୃଦ୍ଧ ଜୈବ ବିବିଧତାର ଚମତ୍କାରିତାକୁ ଅନୁଭବ କରିପାରିବେ। ଗଡ଼ଗଠାରୁ ଏହି ଅଭୟାରଣ୍ୟର ଦୂରତା ୨୬ କିଲୋମିଟର। ଏହି ଅଭୟାରଣ୍ୟଟି ଏକ ପ୍ରବାସୀ ପକ୍ଷୀ ଓ୍ୱାର ହଂସଙ୍କ ପାଇଁ ଲୋକପ୍ରିୟ। ଏଠାରେ ପ୍ରାୟ ୧୩୪ ପ୍ରଜାତିର ଦେଶୀ ବିଦେଶୀ ପକ୍ଷୀ ଦେଖିବାକୁ ମିଳନ୍ତି। ଏହାଛଡ଼ା ବାଇଗଣୀ ବଗ, ଗ୍ରେ ହରିଣ, ଓରିଏଣ୍ଟାଲ୍ ପକ୍ଷୀ, କାମ୍ବ ବତକ, ଗ୍ରେଟର୍ ଫ୍ଲେମିଙ୍ଗୋ, ଧଳା ଛାତି ବିଶିଷ୍ଟ ଜଳ କୁକୁଡ଼ା, କଳା ପକ୍ଷୀ ଥିବା ସାରସ, ଚିତ୍ରିତ ଲଙ୍ଗା, ଲାଲ୍ ସେଡ୍ ବତକ ମଧ୍ୟ ଏ ଅଭୟାରଣ୍ୟର ଅନ୍ୟତମ ଆକର୍ଷଣ।

### ଡୋଡ୍ଡା ବସପ୍ପା ମନ୍ଦିର

ବହୁକୋଣୀୟ ତାରକା ଆକୃତିରେ ନିର୍ମିତ ଡୋଡ୍ଡା ବସପ୍ପା ମନ୍ଦିର ଡାମ୍ବଲା ମନ୍ଦିର ନାମରେ ମଧ୍ୟ ଜଣାଶୁଣା। ଏହି ମନ୍ଦିରଟି ଭଗବାନ ଶିବଙ୍କୁ ସମର୍ପିତ। ଏ ମନ୍ଦିରର କାରୁକାର୍ଯ୍ୟ ଅତୀବ ସୁନ୍ଦର ଓ ସୂକ୍ଷ୍ମ। ତେଣୁ ଗଡ଼ଗ ଆସୁଥିବା ଯାତ୍ରୀ ଏ ମନ୍ଦିର ନିଶ୍ଚିତ ଭାବରେ ବୁଲି ଦେଖନ୍ତି। କଲ୍ୟାଣୀ ଚାଲୁକ୍ୟ ବଂଶର ରାଜାମାନେ ଏହି ମନ୍ଦିର ନିର୍ମାଣ କରିଥିଲେ ବୋଲି ଐତିହାସିକମାନେ ମତ ଦିଅନ୍ତି। ଏହି ମନ୍ଦିରର କାନ୍ଥରେ ଅଙ୍କିତ ହୋଇଛି ପାଞ୍ଚ ମୁଣ୍ଡ ବିଶିଷ୍ଟ ବ୍ରହ୍ମାଙ୍କ ପ୍ରତିଛବି ଓ ତାଙ୍କର ବାହନ ହଂସ, ଭଗବାନ ସୂର୍ଯ୍ୟଦେବଙ୍କ ପ୍ରତିଛବି। ମନ୍ଦିରର ସ୍ତମ୍ଭ ଓ କାନ୍ଥରେ ଅନେକ ଦେବଦେବୀଙ୍କ ମୂର୍ତ୍ତି, ଚିତ୍ର ଖୋଦିତ ହୋଇଛି।

### ସରସ୍ୱତୀ ମନ୍ଦିର

ତ୍ରିକୁଟେଶ୍ୱର ମନ୍ଦିର ପରିସରରେ ରହିଛି ମା' ସରସ୍ୱତୀଙ୍କ ମନ୍ଦିର। ଏହି ମନ୍ଦିରର କାରୁକାର୍ଯ୍ୟ ପ୍ରାଚୀନ ଚାଲୁକ୍ୟମାନଙ୍କର କଳା ନିପୁଣତାର ପରିଚୟ ଦିଏ। ମନ୍ଦିରର ସ୍ତମ୍ଭ ଅତି ସୁନ୍ଦର। ଏହି ମନ୍ଦିରରେ ଆଦି ଶଙ୍କରାଚାର୍ଯ୍ୟଙ୍କର ଏକ ମୂର୍ତ୍ତି ମଧ୍ୟ ଦେଖିବାକୁ ମିଳେ। ସରସ୍ୱତୀ ମନ୍ଦିର ବ୍ୟତୀତ ଅନ୍ୟ କିଛି ଦେବଦେବୀଙ୍କ ମନ୍ଦିର ମଧ୍ୟ ରହିଛି ଏହି ପରିସରରେ।

### କୁର୍ତ୍ତକୋଟି

କୁର୍ତ୍ତକୋଟି ଗଡ଼ଗ ଜିଲ୍ଲାର ଏକ ଗାଁ, ଯେଉଁଠି ରହିଛି ଏକାଧିକ କାରୁକାର୍ଯ୍ୟପୂର୍ଣ୍ଣ ମନ୍ଦିର। ଏଠାରେ ଥିବା ମନ୍ଦିରଗୁଡ଼ିକ ମଧ୍ୟରୁ ଶ୍ରୀ ଉଗ୍ର ନରସିଂହ ମନ୍ଦିର, ବିରୁପାକ୍ଷଲିଙ୍ଗ ମନ୍ଦିର ଓ ଦତ୍ତାତ୍ରେୟ ମନ୍ଦିର ଆଦି ଉଲ୍ଲେଖନୀୟ। ଏହା ସହିତ ରାମ ମନ୍ଦିର ଓ ଅଲ୍ଲାମ ପ୍ରଭୁ ମଠ ମଧ୍ୟ ଏହି ସ୍ଥାନର ଅନ୍ୟତମ ଆକର୍ଷଣ।

### କେମିତି ଯିବେ ?

ଗଡ଼ଗ ବୁଲିଯିବା ପାଇଁ ଆପଣଙ୍କୁ ବିଶେଷ ଅସୁବିଧା ନାହିଁ। କାରଣ ଛୋଟିଆ ସହରଟିଏ ହେଲେ ମଧ୍ୟ ଗଡ଼ଗ କର୍ଣ୍ଣାଟକର ସମସ୍ତ ବଡ଼ ବଡ଼ ସହର ସହିତ ଉଭୟ ରେଳ ଓ ସଡ଼କପଥ ଦ୍ୱାରା ଯୋଡ଼ି ହୋଇଛି। ଗଡ଼ଗରେ ରେଳ ଷ୍ଟେସନ ରହିଛି। ତା'ଛଡ଼ା ପ୍ରତ୍ୟହ ବିଭିନ୍ନ ସ୍ଥାନରୁ ଏଠାକୁ ଉଭୟ ସରକାରୀ ଓ ବେସରକାରୀ ବିଳାସପୂର୍ଣ୍ଣ ବସ୍ ଯିବା ଆସିବା କରିଥାଏ। ଗଡ଼ଗଠାରୁ ହୁବ୍‌ଲିସ୍ଥିତ ବିମାନବନ୍ଦରର ଦୂରତା ୬୦ କିଲୋମିଟର। ବର୍ଷର ଯେ କୌଣସି ସମୟରେ ଏଠାକୁ ଆପଣ ବୁଲି ଆସିପାରିବେ। ତେବେ ଶୀତଦିନେ ସର୍ବାଧିକ ପର୍ଯ୍ୟଟକଙ୍କର ଆଗମନ ଦେଖିବାକୁ ମିଳେ।

ମନୋରଞ୍ଜନ

# ହ୍ୟୁମାନଙ୍କ ଶେଷ ଗୀତ



ପ୍ଲାଟୁନ୍ ୱାନ୍ ଫିଲ୍ମସ୍ ଏବଂ ପ୍ରଯୋଜକ ଶିଳାଦିତ୍ୟ ବୋରାଙ୍କ ବହୁପ୍ରତୀକ୍ଷିତ ଓଡ଼ିଆ ଚଳଚ୍ଚିତ୍ର 'ବିନ୍ଦୁସାଗର' ଯାହାର ଏକ ପ୍ରମୁଖ ଗୀତ 'ଚାଙ୍ଗା ରେ' ମୁକ୍ତିଲାଭ କରିଛି। ଏହି ଗୀତଟି ଓଡ଼ିଆ ସଙ୍ଗୀତ ଜଗତ ପାଇଁ ଏକ ଭାବପୂର୍ଣ୍ଣ ମୁହୂର୍ତ୍ତ, କାରଣ ଏହା କଣ୍ଠଶିଳ୍ପୀ ତଥା ମେଲୋଡି କିଙ୍ଗ୍ ହ୍ୟୁମାନ ସାଗରଙ୍କ ଦ୍ୱାରା ରେକର୍ଡ କରାଯାଇଥିବା ଶେଷ ଗୀତଗୁଡ଼ିକ ମଧ୍ୟରୁ ଅନ୍ୟତମ। ସଙ୍ଗୀତ ନିର୍ଦ୍ଦେଶକ ମହାଦେବ ରାଉତଙ୍କ ସ୍ୱର ସଂଯୋଜନା ଏବଂ ମନୋଜ କୁମାର ପଣ୍ଡାଙ୍କ ଗୀତ ରଚନାରେ ପ୍ରସ୍ତୁତ 'ଚାଙ୍ଗା ରେ', ହ୍ୟୁମାନ ସାଗରଙ୍କ ଚିରାଚରିତ ଶକ୍ତିଶାଳୀ ଏବଂ ହୃଦୟସ୍ପର୍ଶୀ ଶୈଳୀକୁ ପ୍ରତିଫଳିତ କରୁଛି। ତେବେ ଏହି ଫିଲ୍ମଟିର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ଅଭିଷେକ ସ୍ୱାଇଁ। ଫିଲ୍ମଟି ୧୦ ଏପ୍ରିଲ୍‌ରେ ରିଲିଜ ହେବ ବୋଲି ଘୋଷଣା କରାଯାଇଛି। ଏହି ଗୀତଟି ଚଳଚ୍ଚିତ୍ରର ସଙ୍ଗୀତ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବା ସହିତ ନିଜ ପ୍ରିୟ ଗାୟକଙ୍କୁ ଶୁଣିବା ପାଇଁ ଏକ ସୁଯୋଗ ଆଣିଦେଇଛି। ପ୍ରଯୋଜକ ଶିଳାଦିତ୍ୟ ବୋରାଙ୍କ କହିବା ଅନୁଯାୟୀ: 'ଚାଙ୍ଗା ରେ' ମାଧ୍ୟମରେ ଆମେ ଜୀବନର ତାଳକୁ ସେଲିବ୍ରେଟ୍ କରିବାକୁ ଚାହୁଁଥିଲୁ। ହ୍ୟୁମାନ ସାଗର ପ୍ରତ୍ୟେକଟି ରେକର୍ଡିଂରେ ଯେଉଁ ମର୍ଯ୍ୟାଦା ଏବଂ ପ୍ରତିଭା ପ୍ରଦର୍ଶନ କରୁଥିଲେ, ତାହାକୁ ସମ୍ମାନ ଜଣାଇ ଆମେ ଏହାକୁ ସାଧାରଣ 'ଆଇଟମ୍ ସଙ୍ଗ୍'ର ପରିଭାଷାରୁ ଦୂରେଇ ରଖିଛୁ। ନିର୍ଦ୍ଦେଶକ ଅଭିଷେକ ସ୍ୱାଇଁ ଏହି ଚଳଚ୍ଚିତ୍ରକୁ 'ଜୀବନର ଏକ ପୂର୍ଣ୍ଣ ଚକ୍ର' ଭାବରେ ବର୍ଣ୍ଣନା କରିଛନ୍ତି, ଯାହାର ସୁଟିଂ ଭୁବନେଶ୍ୱର ଏବଂ ପୁରୀର ସାଂସ୍କୃତିକ ପୃଷ୍ଠଭୂମିରେ ତଥା କିଛି ଅଂଶ ଲଣ୍ଡନ୍‌ରେ ହୋଇଛି। ଏହି ଗୀତଟି ହ୍ୟୁମାନ ସାଗରଙ୍କ ପ୍ରତି ଏକ ସାଙ୍ଗୀତିକ ଶ୍ରଦ୍ଧାଞ୍ଜଳି ଯାହାଙ୍କ କଣ୍ଠ ଦଶନ୍ଧିରୁ ଅଧିକ ସମୟ ଧରି ଓଡ଼ିଆ ସିନେମା ଜଗତକୁ ଉଜ୍ଜୀବିତ କରି ରଖିଥିଲା।



# 'କଲ୍କି-୨'ରେ ଦିଶାଙ୍କ ଭୂମିକା



ଅଭିନେତା ପ୍ରଭାସଙ୍କ ଆଗାମୀ ଫିଲ୍ମ ଅପେକ୍ଷାରେ ଅଛନ୍ତି ଦର୍ଶକମାନେ। ବର୍ଷ ଆରମ୍ଭରୁ ରିଲିଜ ହୋଇସାରିଛି 'ଦ ରାଜା ସାବ୍' ଯାହା ଫ୍ଲପ୍ ପ୍ରମାଣିତ ହୋଇଛି। ବର୍ତ୍ତମାନ ପ୍ରଭାସ ହନୁ ରାଘବପୁଡ଼ିଙ୍କ ଫିଲ୍ମ 'ଫୌଜି'ରେ କାମ କରୁଛନ୍ତି। ଆସନ୍ତା ବର୍ଷ ରିଲିଜ ହେବ 'ସ୍ପିରିଟ୍' ଯାହା ଉପରେ ଏବେ କାମ ଚାଲିଛି। କିନ୍ତୁ ଏହା ମଧ୍ୟରେ କାମ ଆରମ୍ଭ ହୋଇଛି 'କଲ୍କି'ର ସିକ୍ୱେଲ୍ ଉପରେ ଯାହାର ଅପଡେଟ୍ ଦେଇଛନ୍ତି ନିଜେ ଅମିତାଭ ବଚ୍ଚନ। ଏବେ ଫିଲ୍ମକୁ ନେଇ ଆଉ ଏକ ସଲିଡ୍ ତଥ୍ୟ ମିଳିଛି ଏହାର ଅଭିନେତ୍ରୀଙ୍କ ସମ୍ପର୍କରେ। ଏହାର ପ୍ରଥମ ଭାଗରେ ଦୀପିକା ପାଦୁକୋନ ମୁଖ୍ୟ ଭୂମିକାରେ ନଜର ଆସିଥିଲେ। କିନ୍ତୁ ଫିଲ୍ମର ସିକ୍ୱେଲରେ ଏବେ ନଜର ଆସିବେ ନାହିଁ ଦୀପିକା। ସେ ଫିଲ୍ମରୁ ଆଉଟ୍ ହୋଇ ସାରିଛନ୍ତି। ଏହାର ସିକ୍ୱେଲରେ ଦିଶା ପାଟନୀଙ୍କୁ ଅଧିକ ସ୍କ୍ରିନ୍ ଟାଇମ୍ ମିଳିବ ବୋଲି ଚର୍ଚ୍ଚା ହେଉଛି। ତେବେ ଦିଶା ପ୍ରଥମ ଭାଗର ଅଂଶବିଶେଷ ଥିଲେ ମଧ୍ୟ କିଛି ଖାସ୍ ପ୍ରଭାବ ପକେଇପାରି ନଥିଲେ। ଦର୍ଶକମାନେ ମଧ୍ୟ ଦିଶାଙ୍କୁ ଦେଖି କିଛି ଖାସ୍ ପ୍ରତିକ୍ରିୟା ଦେଇନଥିଲେ। ତେଣୁ ଦର୍ଶକମାନେ ଦିଶାଙ୍କୁ ବଡ଼ ଭୂମିକାରେ ଦେଖିବାକୁ ଚାହୁଁଥିଲେ। କିନ୍ତୁ ସେପରି କିଛି ହୋଇନଥିଲା। କିଛି ସମୟ ପାଇଁ ଦିଶା ପ୍ରଭାସଙ୍କ ଅପୋଜିଟ୍‌ରେ ନଜର ଆସିଥିଲେ। ତାଙ୍କ ଉପରେ ଏକ ଗୀତର ସୁଟିଂ ମଧ୍ୟ ହୋଇଥିଲା। କିନ୍ତୁ ଏହାର ଦ୍ୱିତୀୟ ଭାଗରେ ଦିଶା ମୁଖ୍ୟ ଅଭିନେତ୍ରୀ ଭାବରେ ନଜର ଆସିବେ।



# ଗୋଟିଏ ଫ୍ରେମ୍‌ରେ ଶାହାରୁଖ-ରଜନୀକାନ୍ତ

ସିନେପ୍ରେମୀଙ୍କ ପାଇଁ ଏହାଠାରୁ ବଡ଼ ଖବର ଆଉ କ'ଣ ଥାଇପାରେ! ଭାରତୀୟ ସିନେମାର ଦୁଇ ଜଣ ବଡ଼ ସୁପରଷ୍ଟାର ଶାହାରୁଖ ଓ ରଜନୀକାନ୍ତ ପ୍ରଥମ ଥର ଏକା ସହିତ ନଜର ଆସିବେ ଫିଲ୍ମ 'ଜେଲର୍-୨'ରେ। ୨୦୨୩ରେ ବକ୍ସ ଅଫିସ୍‌ରେ ଖୁବ୍ ଚର୍ଚ୍ଚାରେ ଥିଲା ଫିଲ୍ମ 'ଜେଲର୍'। ଏବେ ଏହାର ସିକ୍ୱେଲକୁ ନେଇ ଆସୁଛି ନୂଆ ଅପ୍‌ଡେଟ୍। ଦୀର୍ଘ ଦିନରୁ ଚାଲି ଆସୁଥିବା ଗୁଜବରେ ଏବେ ମୋହର ଲାଗି ସାରିଛି ଯେ କିଙ୍ଗ୍ ଖାନ ଏହି ଫିଲ୍ମରେ ଏକ ଧମାକେଦାର କ୍ୟାମିଓ କରିବେ। ଏହି ଖବର ବାହାରକୁ ଆସିବା ପରେ ସୋସିଆଲ୍ ମିଡିଆରେ ଖୁବ୍ ହଇଚଇ ସୃଷ୍ଟି ହୋଇଥିଲା। ଏହା ସହିତ ରଜନୀକାନ୍ତ ଓ ଶାହାରୁଖଙ୍କୁ ଗୋଟିଏ ଫ୍ରେମ୍‌ରେ ଦେଖିବା ପାଇଁ ଲୋକମାନେ ଯେପରି ଅପେକ୍ଷା କରି ରହିଛନ୍ତି। 'ଜେଲର୍-୨'ରେ ଶାହାରୁଖ ଖାନଙ୍କ ଏଣ୍ଟ୍ରିକୁ ନେଇ ଘୋଷଣା କରିଛନ୍ତି ଶମସୁଦ୍ଦିନ ପୁଖ୍‌ତା। ଜିସାଦ୍ ଏଆଇ ଜେନେରେଟେଡ୍ ଫଟୋ ସେୟାର୍ କରି ଏହି ଖବର ଦେଇଛନ୍ତି। ଏଥିରେ ଦିଗଜ୍ କଳାକାର ମିଥୁନ ଚକ୍ରବର୍ତ୍ତୀ ଭିଲେନ୍ ଭୂମିକାରେ ନଜର ଆସିବେ। ଏଥିରେ ତାଙ୍କ ବିରୁଦ୍ଧରେ ରଜନୀକାନ୍ତ, ମୋହନଲାଲ, ଶାହାରୁଖ ଖାନ, ରାମ୍ୟା କ୍ରିଷ୍ଣନଙ୍କ ଚରିତ୍ର ଏକଜୁଟ ହେବେ। ତେବେ ଶାହାରୁଖ ଖାନ ନିଜ ଫିଲ୍ମ 'ର.ୱାନ୍'ରେ ରଜନୀକାନ୍ତଙ୍କ ଚିଟ୍ଟି ରୋବୋଟ୍ ଚରିତ୍ରକୁ ସାମିଲ କରିଥିଲେ। କିନ୍ତୁ ସେ ସମୟରେ ରଜନୀକାନ୍ତଙ୍କ ସ୍ୱାସ୍ଥ୍ୟ ଠିକ୍ ନଥିବାରୁ ସେ ଏହାକୁ କରିପାରି ନଥିଲେ। କିନ୍ତୁ ଏବେ 'ଜେଲର୍-୨' ଜରିଆରେ ଏହି ଐତିହାସିକ ମୁହୂର୍ତ୍ତ ବାସ୍ତବ ହେବାକୁ ଯାଉଛି।








# ସଫଳ ମେଗା ଧାରାବାହିକ

ଲୋକପ୍ରିୟ ଓଡ଼ିଆ ଚ୍ୟାନେଲ ଜୀ ସାର୍ଥକରେ ସଫଳତାର ସହିତ ଆଗେଇ ଚାଲିଛି ମେଗା ଧାରାବାହିକ 'ତୁ ଖରା ମୁଁ ଛାଇ'। ସୋମବାରରୁ ଶନିବାର ରାତି ୮:୩୦ରେ ପ୍ରସାରିତ ହେଉଥିବା ଭିନ୍ନ ଧରଣର ଏହି ଧାରାବାହିକଟି ପହଞ୍ଚିଛି ୧୦୦୦ତମ ଅଧ୍ୟାୟରେ। ଅକ୍ଷୟ ପରିଜାଙ୍କ ପ୍ରଯୋଜନା ଓ ବିଶ୍ୱରଞ୍ଜନ ମହାନ୍ତିଙ୍କ ନିର୍ଦ୍ଦେଶିତ ଏହି ଧାରାବାହିକର କାହାଣୀଟି ନେଇଛି ଏକ ନୂଆ ମୋଡ଼। ସମୟର ଚକ୍ରରେ ସାତ ବର୍ଷ ବିତିଯାଇଛି, କିନ୍ତୁ ଅଭି ଆଉ ସେହି ପୁରୁଣା ଅଭି ହୋଇ ରହିନାହିଁ। ମାନିର ମୃତ୍ୟୁ ଖବର ତାକୁ ଭିତରୁ ସଂପୂର୍ଣ୍ଣ ବଦଳେଇ ଦେଇଛି। ସେ ଏବେ ଜଣେ ଶାନ୍ତ, ଗମ୍ଭୀର କିନ୍ତୁ ରହସ୍ୟମୟ ବ୍ୟକ୍ତିତ୍ୱ ସାଜିଛି। ଅନ୍ୟପଟେ, କାହାଣୀର ଦୃଶ୍ୟପଟ୍ଟ କିଛି ଅଲଗା ରହିଛି। ମାନି ମରିନାହିଁ ବରଂ ନିଜର ଅତୀତକୁ ପାଶୋରି ଏକ ଭିନ୍ନ ଦୁନିଆରେ ବଞ୍ଚିଛି। ମାନସିକ ଅସୁସ୍ଥତା ସହ ସଂଗ୍ରାମ କରୁଥିବା ମାନିର ଜୀବନ ଏବେ ତା'ର ଛଅ ବର୍ଷର ପୁଅ 'ଗୋଲୁ'କୁ କେନ୍ଦ୍ର କରି ଗତି କରୁଛି। ନିଜ ପୁଅକୁ ଏକ ସୁରକ୍ଷିତ ଭବିଷ୍ୟତ ଦେବା ପାଇଁ ସେ କରୁଛି ଅକ୍ଳାନ୍ତ ପରିଶ୍ରମ। ତେବେ କାହାଣୀରେ 'ମାଧବ'ର ପ୍ରବେଶ ସବୁକିଛି କରିଦେଉଛି ଓଲଟପାଲଟ। ମାଧବ ନିଜର ପ୍ରତିଶୋଧ ନେବା ପାଇଁ ମାନି ଭିତରେ ଲୁଚି ରହିଥିବା କ୍ରୋଧ ଓ ଅସନ୍ତୋଷକୁ ଉସୁକାଉଛି। ଏହିଠାରୁ ଆରମ୍ଭ ହେଉଛି ଏକ ଭୟଙ୍କର ଷଡ଼ଯନ୍ତ୍ର, ଯାହା ମାନିକୁ ନିଜ ଭାଗ୍ୟ ସହ ଲଢ଼ିବାକୁ ବାଧ୍ୟ କରୁଛି। ଏସବୁ ସଂଘର୍ଷ ଭିତରେ ଛୋଟ ପୁଅ ଗୋଲୁ କାହାଣୀରେ ଆଶାର କିରଣ ସାଜିଛି। ନାଟକପ୍ରିୟ ଗୋଲୁ ନିଜର ବିଭିନ୍ନ ବେଶଭୂଷା ଓ ଚପଳାମିରେ ସମସ୍ତଙ୍କ ଜୀବନରେ ଭରିଦେଉଛି ହସ ଓ ଭରସା। ଇମୋସନାଲ୍ ଥ୍ରୀଲର୍‌ରେ ଭରପୂର ଏହି କାହାଣୀ ଆଗକୁ କେଉଁ ମୋଡ଼ ନେଉଛି, ତାହା ଦେଖିବା ବେଶ୍ ରୋମାଞ୍ଚକର ହେବ।



# ନାଗାଙ୍କ ରହସ୍ୟମୟୀ ଥ୍ରୀଲର୍

ଦକ୍ଷିଣର ସୁପରଷ୍ଟାର ନାଗା ଚୈତନ୍ୟ ପୁଣି ଥରେ ବଡ଼ ପରଦାରେ ଲୋକମାନଙ୍କୁ ମନୋରଞ୍ଜନ କରେଇବା ପାଇଁ ପ୍ରସ୍ତୁତ ହେଉଛନ୍ତି ତାଙ୍କର ଆଗାମୀ ଫିଲ୍ମ 'ବୃଷକର୍ମା' ଜରିଆରେ। ଏହାର ପ୍ରଥମ ଝଲକ ସୋସିଆଲ୍ ମିଡିଆରେ ଖୁବ୍ ଚର୍ଚ୍ଚା ସାଉଁଟୁଛି। ଏହି ରହସ୍ୟମୟ ଥ୍ରୀଲର୍‌ରେ ନାଗାଙ୍କ ଏପରି ଅବତାର ଦେଖିବାକୁ ମିଳୁଛି ଯାହାକୁ ଦେଖିଲେ ଦର୍ଶକଙ୍କ ଲୋମମୂଳ ଟାଙ୍କୁରି ଉଠିବ। ତେଲୁଗୁ ସିନେମାର ଏହି ପ୍ରତିଭାଶାଳୀ ଅଭିନେତା 'ବୃଷକର୍ମା' ଜରିଆରେ ଫାଣ୍ଟାସୀ ଓ ଅଲୌକିକ ଶକ୍ତିଗୁଡ଼ିକ ଦୁନିଆରେ ପାଦ ପକାଇବାକୁ ଯାଉଛନ୍ତି। ନିକଟରେ ଜାରି ହୋଇଥିବା ଫିଲ୍ମର ଝଲକ ଦର୍ଶକମାନଙ୍କୁ ଅନ୍ଧାର ଓ ଭୟଙ୍କର ଦୁନିଆର ଯାତ୍ରା କରେଇବ। ନିର୍ଦ୍ଦେଶକ କାର୍ତ୍ତିକ ବର୍ମା ଦଣ୍ଡୁ ଯିଏ 'ବିରୁପାକ୍ଷ' ପରି ସୁପରହିଟ୍ ଫିଲ୍ମ ଦେଇଥିଲେ ଏଥର ସେ ପୌରାଣିକ କଥା ଓ ଆଧୁନିକ ଥ୍ରୀଲର୍‌ର ଏକ ଅନୋଖା ସଂଗମ ନେଇ ଆସୁଛନ୍ତି। ଫିଲ୍ମରେ ନାଗା କେବଳ ଖଜାନାର ଅନ୍ୱେଷଣ କରିବାର ଦେଖିବାକୁ ମିଳିବେ ତାହା ନୁହେଁ, ପ୍ରାଚୀନ ରାକ୍ଷସୀ ଶକ୍ତିଗୁଡ଼ିକର ମଧ୍ୟ ସମ୍ମୁଖୀନ ହେବେ। ଫିଲ୍ମର ଏକ ଝଲକର ଆରମ୍ଭ ହୋଇଛି ଖୁବ୍ ଭୟଙ୍କର ଓ ରହସ୍ୟମୟ ଦୃଶ୍ୟରୁ। ଅଭିନେତା ସ୍ପର୍ଶ ଶ୍ରୀବାସ୍ତବ ଏକ ଅନ୍ଧାର କୋଠରିରେ ଅଜବ ପ୍ରକାରର ଚିତ୍ର ତିଆରି କରିବାର ଦେଖିବାକୁ ମିଳୁଛନ୍ତି ଓ ଅଚାନକ ତାଙ୍କ ମୁହଁରୁ ବାଦୁଡ଼ି ବାହାରିବାର ଦେଖିବାକୁ ମିଳୁଛି। ଏହି ଦୃଶ୍ୟ ପରିଷ୍କାର ଭାବରେ ସଂକେତ ଦେଉଛି ଯେ ଫିଲ୍ମଟି ସୁପରନାଚୁରାଲ୍ ହରରର ଖୁବ୍ ତାଗଡ଼ା ତଡ଼କା ଦେବ।



# ବ୍ୟକ୍ତିତ୍ୱ ବିକାଶ

ମଣିଷ ହେଉଛି ସୃଷ୍ଟିର ଶ୍ରେଷ୍ଠ ପ୍ରାଣୀ । ମଣିଷ ନିକଟରେ ଈଶ୍ୱର ଦୟା, କ୍ଷମା, ମାନ, ସମ୍ମାନ, ମର୍ଯ୍ୟାଦା ଭଳି ଅନେକ ଦିବ୍ୟଗୁଣ ଭରି ଦେଇଛନ୍ତି । ଫଳରେ ଏହାକୁ ଅନ୍ୟକୁ ଏକ ନୂତନ ଦିଗଦର୍ଶନ ଦେଇପାରିବା ସହିତ ସମାଜକୁ ସୁସ୍ଥ ରଖିବାରେ ଶତ ପ୍ରତିଶତ ସକ୍ଷମ ହୋଇପାରିଛି । ମଣିଷକୁ ସମାଜର ଏକ ମୁଖ୍ୟ ଅବଦାନ ହେଉଛି ସମ୍ପର୍କ ତଥା ପରିବାର । ସମ୍ପର୍କ ଏମିତି ଏକ ମାଧ୍ୟମ ଯାହା ଦ୍ୱାରା ଅନେକ ବାଟ ପର୍ଯ୍ୟନ୍ତ ଯାଇପାରେ ମଣିଷ । କିନ୍ତୁ ସମ୍ପର୍କ ଅନେକ କିଛି ଆଶା କରେ । ପରିବାର ବା ସମାଜ ଭିତରେ ବୟସ ନିର୍ବିଶେଷରେ ଅନେକ ମଣିଷ ବାସ କରନ୍ତି । ପରସ୍ପର ପ୍ରତି ସ୍ନେହ ସମ୍ଭାଷଣ ଏହାର ଏକ ଗୁରୁତ୍ୱପୂର୍ଣ୍ଣ ପରମ୍ପରା । ଛୋଟ ପିଲାମାନେ ବଡ଼ମାନଙ୍କୁ ପ୍ରଣାମ କରନ୍ତି । ବଡ଼ମାନେ ସେମାନଙ୍କୁ ଆଶୀର୍ବାଦ କରି ଦୀର୍ଘ ନିରାମୟ ତଥା ଉଜ୍ଜ୍ୱଳ ଭବିଷ୍ୟତ କାମନା କରନ୍ତି । ଏମିତି ହେବା ଦ୍ୱାରା ଗୋଟିଏ କଥା ସିଦ୍ଧ ହୋଇଯାଏ ଯେ ସାମାଜିକ ସ୍ରୋତ ଏକ ସନ୍ତୁଳିତ ମାର୍ଗ ଦେଇ ଗତି କରୁଥାଏ । ଶୃଙ୍ଖଳାର ଶୃଙ୍ଖଳ ଦିନକୁ ଦିନ ଦୃଢ଼ରୁ ଦୃଢ଼ତର ହେଉଥାଏ ।

**ଦେବ ପରମ୍ପରା ପ୍ରତୀକ :** ମହାଭାରତୀୟ ପରମ୍ପରା ଥିଲା ସବୁଠୁ ନିଆରା । ଏହା କେବଳ ଭାରତୀୟ ଉପମହାଦେଶରେ ସୀମିତ ରହି ନଥିଲା, ଅଧିକନ୍ତୁ ସାରା ବିଶ୍ୱକୁ ଆଲୋକ ପ୍ରଦାନ କରିବାରେ ଥିଲା ଅଗ୍ରଦୂତ । ଭାରତରେ ଥିଲା ଏକ ଦେବ ପରମ୍ପରା, ଯାହାର ପ୍ରତୀକ ଥିଲା ସାମାଜିକ ଶୃଙ୍ଖଳା, ପାରିବାରିକ ଦାୟିତ୍ୱବୋଧ ଆଉ ସବୁଠୁ ଊର୍ଦ୍ଧ୍ୱରେ ଥିଲା ସମ୍ମାନ ତଥା ଶିଷ୍ଟାଚାର । ଭାରତର ପରମ୍ପରାକୁ ଋଦ୍ଧିମନ୍ତ କରିଥିଲେ ମୁନି, ଋଷି, ଯୋଗସିଦ୍ଧ ତପସ୍ୱୀଙ୍କ ଭଳି ଯୋଗଜନ୍ମାମାନେ । ସେମାନଙ୍କ ଦ୍ୱାରା ନିର୍ଦ୍ଧାରିତ ନୀତି ହିଁ ମହାଭାରତୀୟ ସଂସ୍କୃତିକୁ କରିଥିଲା ମହାନ୍ । ଗୁରୁକୁଳ ଆଶ୍ରମରେ ରହି ସେତେବେଳର ଶିଶୁମାନେ ସାମାଜିକ ଜ୍ଞାନ ଆହରଣ କରୁଥିଲେ । ବ୍ୟକ୍ତିତ୍ୱକୁ ବିକାଶ କରିବାର କଳା ହାସଲ କରୁଥିଲେ । ଫଳରେ ଗୋଟିଏ ଲମ୍ବା ଜୀବନ ଅତିବାହିତ କରିବା ସେମାନଙ୍କ ପାଇଁ ଆଦୌ କଠିନ ବ୍ୟାପାର ହେଉ ନଥିଲା ।

ମାତ୍ର ବର୍ତ୍ତମାନ ଦେଖିବାକୁ ମିଳୁଛି ଯେ, ସାମାଜିକ ଶୃଙ୍ଖଳ ଦିନକୁ ଦିନ ତା'ର ଦୃଢ଼ତା ହରାଉଛି । ଅନେକ ଅନୁଶୀଳନ ପରେ ଏହାର କାରଣ ଅବଶ୍ୟ ଉଦ୍ଭାବନ କରାଯାଇଛି । କାରଣଟି ଯେତିକି ବିଷମ ସେତିକି ପରିତାପକର । ସାମାଜିକ ଶୃଙ୍ଖଳ ଶିଥିଳ ହେବାର ମୁଖ୍ୟ କାରଣ ହେଉଛି ଶିଷ୍ଟାଚାର ଅଭାବ । ଏହା କେବଳ ସାମାଜିକ ଶୃଙ୍ଖଳ ବା ବନ୍ଧନକୁ ଶିଥିଳ କରିନାହିଁ, ଅଧିକନ୍ତୁ ସାମାଜିକ ଶୃଙ୍ଖଳାକୁ ଭାଙ୍ଗିରୁଜି ଛାରଖାର କରିଦେଇଛି । କାହାରି ପ୍ରତି କାହା ଭିତରେ ମମତା ନାହିଁ, ସ୍ନେହ ନାହିଁ କି ଶ୍ରଦ୍ଧା, ଭକ୍ତି, ସମ୍ମାନ ନାହିଁ । ଯିଏ ଯାହା ଇଚ୍ଛାରେ ଜୀବନ ବଞ୍ଚିବାର ମାର୍ଗ ଖୋଜି ନେଉଛନ୍ତି । ଫଳ ଏଇଆ ହେଉଛି ଯେ, ଅଧାବାଟରେ ଅଣନିଃଶ୍ୱାସୀ ହୋଇ ଟିକିଏ ସୁସ୍ଥ ପବନ ଖୋଜିବା ବେଳକୁ ସେଇତକ ବି ମିଳୁନାହିଁ ।




**କ'ଣ ହୋଇପାରେ କାରଣ :** ଦିନ ଥିଲା ଯେତେବେଳେ ଗୁରୁଜନଟିଏ ବସିବାର ଦେଖିଲେ ବୟସରେ ସାନ ଲୋକଟିଏ ବାଟ ଭାଙ୍ଗି ଚାଲି ଯାଉଥିଲା । କିନ୍ତୁ ଏବେ ଏହି ଦୃଶ୍ୟର ଘୋର ଅଭାବ । ସେହିଭଳି ଗୁରୁଜନମାନେ ମଧ୍ୟ ଲଘୁଜନଙ୍କ ପ୍ରତି ଥିବା ସେମାନଙ୍କର କର୍ତ୍ତବ୍ୟର ପ୍ରତିପାଳନ କରୁନାହାନ୍ତି । ଯାହାଦ୍ୱାରା ଏକ ମହାନ ପରମ୍ପରାର ବିଲୋପ ଘଟୁଛି । କ'ଣ ହୋଇପାରେ ଏହାର କାରଣ ? ଉତ୍ତର ଅତି ସହଜ । ଆମେ ପାଶ୍ଚାତ୍ୟ ପରମ୍ପରାର ଏଭଳି ଅନୁଗାମୀ ହୋଇ ଉଠିଛେ ଯେ, ଆମକୁ ଆମ ପରମ୍ପରା ଅତି ଅସଂଗତ ମନେ ହେଉଛି । ଆଜିକାର ପିଲାମାନେ ଗୁରୁଜନ କହିଲେ ଖୁବ୍ କମ୍ ବୁଝନ୍ତି । କାରଣ ସେମାନେ ରହୁଥିବା ପରିବେଶରେ ଏଭଳି ଦୃଶ୍ୟ ସେମାନେ ଦେଖିବାକୁ ପାଉନାହାନ୍ତି । ପାଶ୍ଚାତ୍ୟ ପରମ୍ପରାରେ ଅନ୍ୟକୁ ସମ୍ମାନ ଜଣାଇବାକୁ ଯାଇ ହାତ ମିଳାଇବା, ହେଲୋ ହାଏ କହିବା ନ ହେଲେ ଆଲିଙ୍ଗନ କରି ଚୁମ୍ବନ ଦେବାକୁ ପଡ଼ିଥାଏ । ଅନ୍ୟପକ୍ଷରେ ଆମ ପରମ୍ପରାରେ ସେସବୁ କେବଳ ନିଷିଦ୍ଧ ନୁହେଁ, ଅସାମାଜିକ ମଧ୍ୟ । କିନ୍ତୁ ଆମେ ତାହା ହିଁ କରୁଛେ ।

**ପ୍ରଣାମର ପ୍ରାଣହାନି :** ଆମ ପରମ୍ପରାରେ ଶିଷ୍ଟାଚାରର ଏକ ଉପାଦାନ ଥିଲା ପ୍ରଣାମ । ସେଥିପାଇଁ ଆମର ଦିବ୍ୟଦ୍ରଷ୍ଟାମାନେ ସାଷ୍ଟାଙ୍ଗ, ଅଷ୍ଟାଙ୍ଗ ପ୍ରଣାମ ବା ପ୍ରଣିପାତର ତରିକା ନିର୍ଦ୍ଧାରଣ କରି ଯାଇଛନ୍ତି । ବାପା, ମା', ଗୁରୁ, ଗୁରୁମା, ଭାଇ, ଭାଉଜ, କକେଇ ଆଦି ଗୁରୁ ସ୍ଥାନୀୟ ଲୋକଙ୍କୁ ଦେଖିବା ମାତ୍ରେ ପ୍ରଣିପାତ କରିବାର ବିଧି ରହିଥିଲା । ଏହା କେବଳ ଶିଷ୍ଟାଚାର ନଥିଲା, ଏଥିରେ ଯୋଗାଭ୍ୟାସର ପ୍ରଚ୍ଛନ୍ନ ବିଧି ମଧ୍ୟ ଥିଲା । ସାଷ୍ଟାଙ୍ଗ ବା ଅଷ୍ଟାଙ୍ଗ ପ୍ରଣିପାତ କରିବା ଶରୀରର ସବୁ ଅଙ୍ଗ କାର୍ଯ୍ୟରେ ଲାଗୁଥିଲା । ଫଳରେ ରକ୍ତସଞ୍ଚାଳନ ପ୍ରକ୍ରିୟାର ଉନ୍ନତି ଘଟୁଥିଲା ଏବଂ ମଣିଷ ଦୀର୍ଘାୟୁ ହେଉଥିଲା । କିନ୍ତୁ ଏବେ ସାମାନ୍ୟ ନମସ୍କାରରେ ହିଁ କାମ ଚଳିଯାଉଛି । ଏମିତିକି ନମସ୍କାର କରିବା ପାଇଁ ଅନେକଙ୍କ ନିକଟରେ ବେଳ ନାହିଁ । ଅନେକେ ଏହାକୁ ଅସଙ୍ଗତ ବୋଲି ମଧ୍ୟ ମନେ କରୁଛନ୍ତି । ପୁଅ ବାପା ମା'ଙ୍କୁ ପ୍ରଣାମ କରୁନି କି ନୂଆବୋହୂଟିଏ ତାର କର୍ତ୍ତବ୍ୟ ପାଳନକୁ ବ୍ରତ ଭାବେ ଗ୍ରହଣ କରୁନି । ଦିନକୁ ଦିନ ସୃଷ୍ଟି ହେଉଛି ବିଶୃଙ୍ଖଳିତ ପରିସ୍ଥିତି । ତେବେ ଏକଥା ଭୁଲିଯିବା ଉଚିତ ନୁହେଁ ଯେ, ଆମ ପରମ୍ପରାରେ ନିର୍ଦ୍ଧାରିତ ହୋଇଥିବା ପ୍ରକ୍ରିୟାଗୁଡ଼ିକ କେବଳ ଗତାନୁଗତିକ ନଥିଲା ବରଂ କାର୍ଯ୍ୟଟି ତମାମ୍ ଜୀବନକୁ କିଭଳି ପ୍ରତିନିଧିତ୍ୱ କରି ପାରିବ ତାହାର ତରିକା ନିର୍ଦ୍ଧାରଣ କରାଯାଇଥିଲା । ଏବର ମଣିଷ ଜୀବନ ଏକ ମସ୍ତବଡ଼ ବିଷମ ପରିସ୍ଥିତି ମଧ୍ୟ ଦେଇ ଗତି କରୁଛି । ସାମାଜିକ ଜୀବନ ଶତପ୍ରତିଶତ ଭୂଲୁଣ୍ଠିତ । କେହି କାହା ପ୍ରତି ଦାୟ-ବୋଧ-ସମ୍ପନ୍ନ ନୁହନ୍ତି । କିନ୍ତୁ କେତେଦିନ ଏମିତି ନିଜ ଇଚ୍ଛାରେ ଚାଲୁଥିବ ମଣିଷ । ପ୍ରକୃତିର ନିୟମକୁ କରୁଥିବ ଉଲ୍ଲଂଘନ । ଏବେ ବି ବେଳ ଅଛି ମଣିଷ ସୁଧୁରି ଯାଇପାରେ । ଗୁରୁ ଗୁରୁଜନଙ୍କୁ ଭକ୍ତି, ପ୍ରକୃତିକୁ ସମ୍ମାନ ଆଦି ଦିବ୍ୟଗୁଣକୁ ଉଜ୍ଜୀବିତ କରି ପାରିଲେ ପୁଣିଥରେ ଦିବ୍ୟ ପରିବେଶ ସୃଷ୍ଟି ହେବ ଏ ପୃଥିବୀରେ - ଏଥିରେ ଲେଶମାତ୍ର ସନ୍ଦେହ ନାହିଁ ।





# ଯଜ୍ଞ : ଜୀବନର ଉତ୍ସ

ହୃଷିକେଷ ପୁହାଣ

ବେଦ ହିଁ ଭାରତୀୟ ସଂସ୍କୃତିର ମୂଳଧାରା । ଆଜିକାଲି ଏହି ଆଧୁନିକ ଯୁଗରେ ଯଦି କୌଣସି ଠାରେ କିଞ୍ଚିତ ମାତ୍ରା ଆଲୋକର ସନ୍ଧାନ ମିଳୁଥାଏ ତେବେ ତାହା କେବଳ ବେଦ ମାନଙ୍କ ଯୋଗୁଁ । ଏହା ସମସ୍ତ ଧର୍ମନୀତିର ଉତ୍ସ । ଭାରତୀୟ ମୁନିଋଷିମାନେ ସମଗ୍ର ବିଶ୍ୱ ତଥା ମାନବ ଜାତିର କଲ୍ୟାଣ ନିମନ୍ତେ ଏବଂ ସମସ୍ତ ଲୋକର ସୁଖ, ଶାନ୍ତି ଓ ଉତ୍ତରୋତ୍ତର ସମୃଦ୍ଧି ନିମନ୍ତେ ନିରନ୍ତର ପ୍ରାର୍ଥନା କରୁଥିଲେ । କେବଳ ସେତିକି ନୁହେଁ ଯେଉଁଥିପାଇଁ ପ୍ରାର୍ଥନା କରୁଥିଲେ ତାହାର ଉପାୟ ମଧ୍ୟ ନିର୍ଦ୍ଧାରଣ କରି ଜଗତକୁ ଦେଖାଇଥିଲେ । ତାହା ହେଉଛି 'ଯଜ୍ଞ କର୍ମ' । ଯଦୁର୍ବେଦରେ ଯଜ୍ଞ ବିଷୟରେ ବିଶଦ ଭାବେ ବର୍ଣ୍ଣିତ । ଯଜୁର୍ବେଦରେ ଦିବ୍ୟ ଶକ୍ତି ତଥା ଦେବତା ମାନଙ୍କୁ ସ୍ତୁତି କରାଯାଇଛି । ତାହାଫଳରେ ସ୍ୱର୍ଣ୍ଣ, ଶସ୍ୟ, ଶୁଭ ଓ ସମ୍ପତ୍ତି, ପ୍ରାଚୁର୍ଯ୍ୟ ପ୍ରାବଲ୍ୟ ମାନବ ଜାତିକୁ ଉପଲବ୍ଧ ହୋଇଥାଏ । ଯଜ୍ଞ ମୁଖ୍ୟତଃ ଅଗ୍ନି ଉପାସନା । ମାନବର ଜୀବନ ଯାତ୍ରା ସହ ଅଗ୍ନିର ଉପାଦେୟ ଓ ଆବଶ୍ୟକତା ଓତଃପ୍ରୋତ ଭାବେ ଜଡ଼ିତ । ଅଗ୍ନିରୁ ମିଳୁଥିବା ଉଷ୍ମତା ଯୋଗୁଁ ବୌଦ୍ଧିକ ଉନ୍ନତି ପରିଲକ୍ଷିତ ହୁଏ । ତାହା ସମ୍ବୋଧିକୁ ମଧ୍ୟ ତୀକ୍ଷ୍ଣ କରାଏ । ଯଜ୍ଞରେ ଦିଆଯାଉଥିବା ଆହୁତି ଫଳରେ ଆବଶ୍ୟକ ପରିମାଣର ବର୍ଷା ହୁଏ ଓ ଧରିତ୍ରୀ ଶସ୍ୟଶ୍ୟାମଳା ହୁଏ । ଜନମାନସରେ ନିରାପ ଓ ସୁରକ୍ଷିତ ଭାବ ଦେଖାଦିଏ । ଶାସ୍ତ୍ର ମତରେ ସମୁଦ୍ର ଗର୍ଭରେ ମଧ୍ୟ ଅଗ୍ନି ଅଛି । ଭଗବାନ ନିଜେ ମଣିଷ ଦେହରେ ବୈଶ୍ୱାନର ଅଗ୍ନି ରୂପେ ଦିବ୍ୟମାନ।





ମାନବ ଶରୀରରେ ସବୁକିଛି ଥାଏ ବୋଲି ଶାସ୍ତ୍ରମାନେ କହନ୍ତି। ତୁଳନା କରି କୁହାଯାଇଛି ମଣିଷର ହୃଦୟ ହେଉଛି ଯଜ୍ଞମଣ୍ଡପ, ଦେହ ଯଜ୍ଞକୁଣ୍ଡ, କେଶଣାଶି ଦୁର୍ବାଦଳ, ଇଚ୍ଛାଗୁଡ଼ିକ ସନଥ ଯାହା ସାହାଯ୍ୟରେ ଅଗ୍ନିକୁ ଜଳାଇ ରଖାଯାଏ । କାମନାବାସନା ହେଉଛି ଘୃତ, ଆମଠାରେ ଥିବା କ୍ରୋଧ ବଳି ପଶୁର ପ୍ରତୀକ। ପ୍ରଜ୍ୱଳିତ ଅଗ୍ନି ଆମ ତପସ୍ୟାର ଫଳ। ଲୋକେ ଭାବନ୍ତି ଏକ ଗୋଡ଼କିଆ ବା ମୁଣ୍ଡତଳକୁ ଓ ଗୋଡ଼ ଉପରକୁ ରଖି ଦଣ୍ଡାୟମାନ ହେବା ତପସ୍ୟା। କୌଣସି ପ୍ରକାର ଦୈହିକ କ୍ରିୟା ତପସ୍ୟା ପଦବାଚ୍ୟ ନୁହେଁ। ଭଗବାନ ସତ୍ୟସାଇ ବାବାଙ୍କ ମତରେ, ମଣିଷର ଭାବନା, ବଚନ ଓ କର୍ମ ଭିତରେ ଯଦି ସମ୍ପୂର୍ଣ୍ଣ ସମନ୍ୱୟ ରକ୍ଷା କରାଯାଇପାରିଲା ସେଠାରେ ହିଁ ଅଗ୍ନିର ଉଜ୍ଜ୍ୱଳତା ପ୍ରକଟିତ ହୋଇଥାଏ, ତାହା ହିଁ ତପସ୍ୟା ।

ଶାସ୍ତ୍ର ଉପନିଷଦରେ ଉଲ୍ଲେଖ ରହିଛି ଯଜ୍ଞ ଏପରି ଏକ ସାଧନ, ତାହା ହେଉଛି 'ପ୍ରତ୍ୟୁଷରୁ ନିଦ୍ରାତ୍ୟାଗ ବେଳଠାରୁ ରାତ୍ରିରେ ଶଯ୍ୟାକୁ ଯିବା ପର୍ଯ୍ୟନ୍ତ କରାଯାଉଥିବା ପ୍ରତ୍ୟେକଟି କର୍ମକୁ ଯଦି ନୀତି ଓ ନିୟମାନୁସାରେ କରାଯାଏ, ତେବେ ତାହାକୁ ମଧ୍ୟ ଏକ ଯଜ୍ଞ କୁହାଯାଇପାରିବ । ପରିଶେଷରେ ଯେଉଁ ଯଜ୍ଞ (କର୍ମ) ନିଃସ୍ୱାର୍ଥଭାବ ସହ ଲୋକ କଲ୍ୟାଣ ଉଦ୍ଦେଶ୍ୟରେ କରାଯାଏ, ଯେଉଁଥିରେ ସଂସାରର ଶାନ୍ତି ଓ ସମୃଦ୍ଧି ନିହିତ ଥାଏ ତାହା କେବଳ ଭଗବାନଙ୍କ ଦ୍ୱାରା ଗୃହିତ ହୋଇଥାଏ। କାରଣ ସେ ହିଁ ଯଜ୍ଞ । ଯଜ୍ଞଭୂତ ଓ ସେହି ଯଜ୍ଞକୃତ। ସେ ସବୁକିଛି, ସେ ସବୁ କିଛି ବୋଲି ସଚେତନ ଥାଇ ଯାହାସବୁ କରାଯାଏ ତାହା ଯଜ୍ଞ ପାଲଟିଯାଏ। ମହାଭାରତ ଯୁଦ୍ଧ ଏହି ସଚେତନତାର ସହ ହୋଇଥିଲା ତାହା ଏକ ଯଜ୍ଞରେ ପରିଣତ ହୋଇଗଲା ।



ଅଥଚ ଦକ୍ଷ ଯଜ୍ଞରେ ଈଶ୍ୱରକୁ ଯଥାଯୋଗ୍ୟ ସମ୍ମାନ ଦିଆଯିବାରୁ ଯଜ୍ଞଟା ଯୁଦ୍ଧରେ ପରିଣତ ହୋଇଗଲା। ଯଜ୍ଞ ପ୍ରତି ଶ୍ରଦ୍ଧା ଓ ଆଗ୍ରହ, ଏହି ମନୋବୃତ୍ତି ଯଦି ଆମର ପ୍ରତ୍ୟେକ କର୍ମକୁ ଆର୍ଦ୍ର କରି ରଖନ୍ତା, ଜୀବନ ପବିତ୍ର ହୋଇଯାଆନ୍ତା । ଜୀବନଯାପନ ପଦ୍ଧତିକୁ ଗୋଟିଏ ଯଜ୍ଞ ବୋଲାଯାଇ ପାରନ୍ତା । 'ଅସ୍ମାତ୍ ଭବନ୍ତି ଭୂତାନି ପର୍ଜ୍ଜନ୍ୟାତ ଅନ୍ନ ସଂଭବଃ, ଯଜ୍ଞାତ୍ ଭବନ୍ତି ପର୍ଜ୍ଜନ୍ୟଃ ଯଜ୍ଞଃ କର୍ମ ସମୁଦ୍ଭବଃ'।

**ଥାଇଲୋ, ଜଗତସିଂହପୁର, ଦୂରଭାଷ : ୭୦୦୮୪୩୮୯୫୯**




ସ୍ୱାସ୍ଥ୍ୟ ସ୍ୱତନ୍ତ୍ର

# ହାର୍ଟ ବ୍ଲକେଜ୍

ଡାକ୍ତର ଦିଲ୍ଲୀପ କୁମାର ମହାରଣା

**ହୃତ୍‌ପିଣ୍ଡ ଲଗାତାର କାମ କରିବା ପାଇଁ ଅମ୍ଳଜାନ ଆବଶ୍ୟକ କରେ। ଏହା ହୃଦୟକୁ ଆସିଥିବା ରକ୍ତନଳୀରୁ ମିଳିଥାଏ। ସାଧାରଣ ସୁସ୍ଥ ମଣିଷର ହୃତ୍‌ପିଣ୍ଡ ପ୍ରତି ୧ ମିନିଟ୍‌ରେ ପ୍ରାୟ ୭୨ଥର ସ୍ପନ୍ଦିତ ହୋଇଥାଏ, ଏଥିପାଇଁ ତାଙ୍କୁ ୨୫୦ ମିଲିଲିଟର ରକ୍ତ ଆବଶ୍ୟକ ହୁଏ। ହୃତ୍‌ପିଣ୍ଡକୁ ରକ୍ତ ଯୋଗାଉଥିବା ନଳୀଗୁଡ଼ିକରେ ଚର୍ବି ଜମିଗଲେ ରକ୍ତ ସଞ୍ଚାଳନ କମ୍ ହୋଇଯାଏ। ଏହାକୁ କୁହାଯାଏ ବ୍ଲକେଜ୍। ସାଧାରଣତଃ ରକ୍ତ ନଳିକାରେ ୮୦ ପ୍ରତିଶତରୁ ଅଧିକ ବ୍ଲକେଜ ହେବା ପରେ ରୋଗ ସମ୍ପର୍କରେ ଜଣାପଡ଼େ। ବସିଥିବା ବ୍ୟକ୍ତିର ହୃତ୍‌ପିଣ୍ଡ ପାଇଁ ୧୦, ଚାଲୁଥିବା ବ୍ୟକ୍ତିର ହୃତ୍‌ପିଣ୍ଡ ପାଇଁ ୨୦ ଓ ଦୌଡୁଥିବା ବ୍ୟକ୍ତିର ହୃତ୍‌ପିଣ୍ଡ ପାଇଁ ୩୦ ପ୍ରତିଶତ ରକ୍ତ ଆବଶ୍ୟକ ହୁଏ। ଚାଲିବା, ବସିବା କିମ୍ବା ଦୌଡ଼ିବା ସମୟରେ ହେଉଥିବା ସମସ୍ୟା ଆଧାରରେ ଜଣାପଡ଼େ ହୃତ୍‌ପିଣ୍ଡକୁ କେତେ ରକ୍ତ ଆସୁଛି।**





### କାହା ପାଇଁ ଅଧିକ ବିପଦ

ପରିବାରରେ ହୃଦ୍‌ରୋଗର ସମସ୍ୟା ସହ ତ୍ରୁଟିପୂର୍ଣ୍ଣ ଜୀବନଶୈଳୀ ବ୍ଲକେଜର ଆଶଙ୍କା ବଢ଼ାଏ। ଖାଇବା-ପିଇବା ଠିକ୍ ନହେବା, ଧୂମପାନ, ଶାରୀରିକ ପରିଶ୍ରମ ନ କରିବା, ବ୍ୟସ୍ତତା ଏବଂ ଚାପ ମଧ୍ୟରେ ରହିବା ଆଦି ପରିସ୍ଥିତି ହୃଦ୍‌ରୋଗର ଆଶଙ୍କା ୧୫ରୁ ୨୦ ପ୍ରତିଶତ ବଢ଼ାଇ ଦେଇଥାଏ। ଠିକ୍ ସମୟରେ ବ୍ଲକେଜ ସମ୍ପର୍କରେ ଜଣାପଡ଼ିଲେ ଏବଂ ଉପଯୁକ୍ତ ଚିକିତ୍ସା କରାଗଲେ ହୃଦ୍‌ରୋଗ ସମସ୍ୟାରୁ ରକ୍ଷା ପାଇହୁଏ।

### କୋରୋନାରୀ ଆର୍ଟେରୀ ଡିଜିଜ୍

ଏହାର ସବୁଠାରୁ ସାଧାରଣ ଲକ୍ଷଣ ଏଞ୍ଜାଇନା ବା ଛାତିରେ ଯନ୍ତ୍ରଣା। ଏହାକୁ ଛାତି ଭାରି ଲାଗିବା, ଚାପ, ଯନ୍ତ୍ରଣା, ଜ୍ୱଳନର ଅନୁଭବ ଭାବରେ ଚିହ୍ନଟ କରାଯାଇପାରେ। ବେଳେବେଳେ ଏଞ୍ଜାଇନାକୁ ବଦହଜମୀ ଓ ଛାତି ଜ୍ୱଳନ ବୋଲି ମନେ କରାଯାଏ। ଏଞ୍ଜାଇନା କାନ୍ଧ, ବାହୁ, ବେକ, ଗଳା, ପିଠିରେ ବି ଅନୁଭବ କରାଯାଇପାରେ। ରୋଗର ଅନ୍ୟ ଲକ୍ଷଣଗୁଡ଼ିକ ହେଉଛି ପ୍ରଶ୍ୱାସ ଛୋଟ ହେବା, ହୃଦ୍‌ସ୍ପନ୍ଦନ ଅନିୟମିତ ହେବା, ସ୍ପନ୍ଦନ ଦ୍ରୁତ ହେବା, ଦୁର୍ବଳ ଲାଗିବା ବା ମୁଣ୍ଡ ବୁଲାଇବା, ବାନ୍ତି ଲାଗିବା ପରି ମନେ ହେବା ଓ ଝାଳ ବୋହିବା।

### ହୃଦ୍‌ଘାତ


ଛାତି, ବାହୁ, କହୁଣୀ ଆଦିର ହାଡ଼ରେ ଅସ୍ୱାଭାବିକତା, ଚାପ, ଓଜନିଆ ଲାଗିବା ବା ଯନ୍ତ୍ରଣାର ଅନୁଭବ, ପିଠି, ଗଳା, ହାତ ଆଦି ମଧ୍ୟ ଭାରି ଲାଗିବା, ପେଟ ଭର୍ତ୍ତି ଥିବା, ବଦହଜମୀ ଓ ଛାତି ଜ୍ୱଳନର ଅନୁଭବ, ବାନ୍ତି ହେବା, ଝାଳ ବୋହିବା ବା ଦୁର୍ବଳ ଲାଗିବା, ବ୍ୟସ୍ତ ଲାଗିବା ଓ ନିଶ୍ୱାସ ପ୍ରଶ୍ୱାସ ଅଟକି ଯିବା ଆଦି ହୃଦ୍‌ଘାତର ସାଧାରଣ ଲକ୍ଷଣ। ବିଶ୍ରାମ ନେବା ଓ ଔଷଧ ଖାଇବାରେ ମଧ୍ୟ ଭଲ ଲାଗେନି। ଏହି ଲକ୍ଷଣ ପ୍ରଥମେ ସାଧାରଣ ଯନ୍ତ୍ରଣାରୁ ଆରମ୍ଭ ହୋଇ ଅତ୍ୟଧିକ ମଧ୍ୟ ହୋଇପାରେ। କିଛି ଲୋକଙ୍କଠାରେ ହୃଦ୍‌ଘାତର କୌଣସି ଲକ୍ଷଣ ଜଣାପଡ଼େନି, ଏହାକୁ ସାଇଲେଣ୍ଟ ମାୟୋକାର୍ଡ଼ିୟାଲ ଇନ୍‌ଫେକ୍‌ସନ ଅର୍ଥାତ୍ ଏମ୍‌ଆଇ କୁହନ୍ତି। ସାଧାରଣତଃ ଡାଇବେଟିସ୍‌ରେ ପୀଡ଼ିତ ରୋଗୀମାନଙ୍କ କ୍ଷେତ୍ରରେ ଏହା ହୋଇଥାଏ। ଯେଉଁମାନଙ୍କଠାରେ ଉପରୋକ୍ତ ଲକ୍ଷଣ ଦେଖାଦେଉଛି ସେମାନେ ବିଳମ୍ବ ନକରି ତୁରନ୍ତ ଚିକିତ୍ସା କରାନ୍ତୁ। କାରଣ ହୃଦ୍‌ରୋଗରେ ଯେତେ ଶୀଘ୍ର ଚିକିତ୍ସା ହୋଇପାରିବ ସେତେ ଶୀଘ୍ର ସମସ୍ୟାର ସମାଧାନ ହୋଇପାରିବ।

### କ'ଣ ପାଇଁ ହୁଏ ବ୍ଲକେଜ

ବ୍ଲକେଜ ହେବାର ଏବଂ ବଢ଼ିବାର ଅନେକ କାରଣ ଅଛି ଯଥା - ରକ୍ତରେ କୋଲେଷ୍ଟ୍ରୋଲ ମାତ୍ରା ଅଧିକ ହେଲେ ବ୍ଲକେଜ୍ ଆଶଙ୍କା ବଢ଼େ। ଉଚ୍ଚ ରକ୍ତଚାପ ଏବଂ ମଧୁମେହ ହୃଦ୍‌ରୋଗର ମୁଖ୍ୟ କାରଣ ହୋଇପାରେ। ମେଦ ବୃଦ୍ଧି  ମଧ୍ୟ ବ୍ଲକେଜ ବଢ଼ାଇପାରେ। ବଡ଼ିମାସ ଇଣ୍ଡେକ୍ସ ୨୫ରୁ ଅଧିକା ଏବଂ ଅଣ୍ଟାର ମାପ ୩୪ରୁ ଅଧିକ ହେବା ଉଚିତ ନୁହେଁ। ତମାଖୁ ଏବଂ ମଦ ହୃତ୍‌ପିଣ୍ଡ ପାଇଁ କ୍ଷତିକାରକ। ଏହା ହୃଦୟର ଧମନୀଗୁଡ଼ିକୁ ଅଠାଳିଆ କରିଦିଏ, ଫଳରେ ଏହା ଉପରେ ସହଜରେ ଚର୍ବି ଜମିପାରେ। ଶାରୀରିକ ଭାବରେ ସକ୍ରିୟ ନହେଲେ ହୃତ୍‌ପିଣ୍ଡର ସମସ୍ୟା ବଢ଼ିଯାଏ। ସୁସ୍ଥ ହୃଦୟ ପାଇଁ ଦିନକୁ ଅଧଘଣ୍ଟାରୁ ଅଧିକ ବୁଲାବୁଲି କରନ୍ତୁ। ତନ୍ତୁଯୁକ୍ତ ଖାଦ୍ୟ ଅଭାବରେ ଆମର ଅନ୍ତରେ ଚର୍ବି ଜମିଯାଏ।

### ଖାଦ୍ୟରେ ପରିବର୍ତ୍ତନ

ଖାଦ୍ୟରେ ଅଧିକ ତେଲ ବ୍ଲକେଜ ବଢ଼ାଏ, ତେଣୁ ଯେତେଦୂର ସମ୍ଭବ କମ୍ ତେଲ ବ୍ୟବହାର କରନ୍ତୁ। ଦୁଗ୍ଧ ଏବଂ ଦୁଗ୍ଧ ଜାତୀୟ ଖାଦ୍ୟ କମ୍ ମାତ୍ରାରେ ଖାଆନ୍ତୁ। ମାଂସ, ଚିକେନ, ଅଣ୍ଡା ଏବଂ ପନିର ଆଦିରେ କୋଲେଷ୍ଟ୍ରୋଲ ଉତ୍ପାଦନକାରୀ ଉପାଦାନ ଥାଏ। ଯେଉଁମାନଙ୍କର କୋଲେଷ୍ଟ୍ରୋଲ ସମସ୍ୟା ଅଛି, ସେମାନେ ୨୦୦ ଗ୍ରାମରୁ ଅଧିକ କ୍ଷୀର ପିଇବା ଉଚିତ ନୁହେଁ। ମିଠା ନଥିବା ଫଳ ଖାଇବା ହୃଦ୍‌ରୋଗୀଙ୍କ ପାଇଁ ସବୁଠୁ ନିରାପଦ।




### ଭ୍ରମଣ ଏବଂ ବ୍ୟାୟାମ

ଦିନରେ ଅତି କମ୍‌ରେ ଅଧଘଣ୍ଟାଏ ଚାଲନ୍ତୁ, ଏହା ହୃତ୍‌ପିଣ୍ଡର ମାଂସପେଶୀକୁ ମଜଭୁତ କରିବ। ନିୟମିତ ଭାବରେ ବ୍ୟାୟାମ କରନ୍ତୁ। ଏହା ହୃତ୍‌ପିଣ୍ଡକୁ ସୁସ୍ଥ ରଖିବା ସହ ଏଞ୍ଜାଇନା ରୋକିଥାଏ। ବ୍ୟାୟାମ କ୍ୟାଲୋରି ନଷ୍ଟକରେ। ଫଳରେ କୋଲେଷ୍ଟ୍ରୋଲ କମ୍ ହୁଏ। ଡାକ୍ତରଙ୍କ ପରାମର୍ଶରେ ଦିନକୁ ଅଧଘଣ୍ଟାଏ ବ୍ୟାୟାମ କରନ୍ତୁ।

### ଯୋଗ କରନ୍ତୁ

ଯୋଗ ଦ୍ୱାରା ହୃଦ୍‌ରୋଗର ମୁଖ୍ୟ କାରଣଗୁଡ଼ିକୁ ୭୦ ପ୍ରତିଶତ ନିୟନ୍ତ୍ରଣ କରିଦିଆଯାଇପାରେ। ଧ୍ୟାନ, ମାନସିକ ଚାପ କମ୍ କରିବାରେ ସହଯୋଗ କରେ। ଚାପ ଯୋଗୁଁ ରକ୍ତଚାପ ଏବଂ ସୁଗାର ବଢ଼େ। ଯୋଗ କରିବା ବ୍ୟକ୍ତିଙ୍କୁ ଅଧିକ ଔଷଧ ଖାଇବାରୁ ମୁକ୍ତି ମିଳେ। ହୃଦ୍‌ରୋଗୀମାନେ ତାଡ଼ାସନ, ପାଦ ହସ୍ତାସନ, ଶଶାଙ୍କ ଆସନ, ବଜ୍ରାସନ, ଭୁଜଙ୍ଗାସନ, ସଲ୍‌ଭାସନ, ଉତ୍ତାନ ପାଦାସନ ଏବଂ ମେରୁଦଣ୍ଡାସନ ଆଦି କରିପାରିବେ। ଅନୁଲୋମ-ବିଲୋମ ମଧ୍ୟ ହୃଦ୍‌ରୋଗୀଙ୍କ ପାଇଁ ଉପଯୋଗୀ।

ଶିଖରପୁର ଉପର ସାହି, କଟକ,
ଦୂରଭାଷ : ୯୪୩୮୫୮୩୨୮୯

ମହକ

# ଚଇତି ଘୋଡ଼ା ଓ ପଦ୍ମଶ୍ରୀ ଡକ୍ଟର ଉତ୍ସବ ଚରଣ ଦାସ



**ନାଟ୍ୟ ସାରଥି ଅଭୟ କୁମାର ଦାସ**

ଓଡ଼ିଶାର ପ୍ରାଚୀନତମ ଲୋକକଳା ଓ ଆବହମାନ ସଂସ୍କୃତି ତଥା ପାରମ୍ପରିକ ଲୋକକଳା ଚଇତି ଘୋଡ଼ା ନାଚକୁ ବିଶ୍ୱର କୋଣଅନୁକୋଣରେ ପହଞ୍ଚାଇ ମହାନ ଉତ୍କଳୀୟ ମହିମାକୁ ପହଞ୍ଚାଇ ପାରିଥିବା ସଂସ୍କୃତିପ୍ରେମୀ ଘୋଡ଼ା ନାଚ ବିଶାରଦ ପଦ୍ମଶ୍ରୀ ଡକ୍ଟର ଉତ୍ସବ ଚରଣ ଦାସଙ୍କ ମହାପ୍ରୟାଣ ହୋଇଛି। କଟକ ପାଖ, ଟାଙ୍ଗୀ ଚୌଦ୍ୱାର ବ୍ଲକ ମଣିଆ ଗ୍ରାମରେ ୧୯୪୪ ଏପ୍ରିଲ ୧୪ ପଣା ସଂକ୍ରାନ୍ତିରେ ପିତା ଗଜେନ୍ଦ୍ର ଓ ମାତା ସଖୀ ଦେଇଙ୍କ କୋଳମଣ୍ଡନ କରିଥିଲେ। ତାଙ୍କ ପିଲାବେଳର ଡାକ ନାମଟି ଥିଲା ଉଚ୍ଛବ। ଏହି ନାମରେ ସେ ପ୍ରାୟତଃ ବନ୍ଧୁ ମହଲରେ ମଧ ସେ ବେଶ ପରିଚିତ ଥିଲେ। କେବଳ ଜଣେ ଘୋଡ଼ାନାଚ ବିଷାରଦ ନୁହଁନ୍ତି ଗୀତିକାର, ଅଭିନେତା, ନୃତ୍ୟଶିଳ୍ପୀ ଭାବେ ସେ ଏକ ବର୍ଣ୍ଣ ବିଭା ପ୍ରତିଭା ଥିଲେ। ତାଙ୍କ ରଚନା ଗୁଡ଼ିକ ଭିତରୁ ନୃତ୍ୟ ନାଟିକା ହେଉଛି 'କୃଷ୍ଣ ଅବତାର', 'ଗମ୍ଭୀରି ବିଜେ', 'ମହିଁଷା ନାଶୀନି', 'ଭାଇ ଜୀଉଁତିଆ', 'ଖଇ ଆଞ୍ଜୁଳା', 'କେଳୀ କଦମ୍ବ' ଦର୍ଶକଙ୍କୁ ଅତ୍ୟନ୍ତ ଭାବପ୍ରବଣ ଓ ଏହା ଢ଼େର ଲୋକପ୍ରିୟତା ସାଉଁଟି ଥିଲା। ଏତଦ୍ ବ୍ୟତୀତ ବିଭିନ୍ନ ଜନଜୀବନର ଘଟଣାବଳୀ କଥାକୁ ନେଇ ଏପରିକି ସାମାଜିକ ସମସ୍ୟା ଯଥା ଏଡସ୍, ଯୌତୁକ ପ୍ରଥା, ମ୍ୟାଲେରିଆ, ଅନ୍ଧବିଶ୍ୱାସ, ପରିଷ୍କାର ପରିଚ୍ଛନ୍ନତା ଉପରେ ସେ ପଥପ୍ରାନ୍ତ ନାଟକ କରୁଥିଲେ।



ଉତ୍ସବ ବାବୁଙ୍କ ପିଲାବେଳ କଟିଛି ତାଙ୍କ ମାମୁଁଘର ଚୌଦ୍ୱାରର ତଳ ବଜାର ଅଞ୍ଚଳରେ। ମାମୁଁ ଶରତ ଚନ୍ଦ୍ର ଦଳାଇଙ୍କ ପାଖରେ ରହି ତାଙ୍କ ବାଲ୍ୟ ଜୀବନ ଓ ପାଠ ପଢ଼ା ହୋଇଥିଲା। ତୁଳସୀ ଦୁଇ ପତ୍ରରୁ ବାସିଲା ଭଳି ତାଙ୍କ ପ୍ରତିଭା ଛୋଟ ବେଳୁ ଜଣାପଡ଼ିଥିଲା। ଅଷ୍ଟମ ଶ୍ରେଣୀର ଛାତ୍ର ଥିବାବେଳେ ଘୋଡ଼ାନାଚ ପ୍ରତି ଆକର୍ଷିତ ହୋଇଥିଲେ। ଜଣେ ମେଧାବୀ ଛାତ୍ର ହୋଇଥିବାରୁ ସରକାରୀ ପାଇଥିଲେ କିନ୍ତୁ ଏ ସବୁ ସତ୍ତ୍ୱେ ତାଙ୍କୁ କର୍ମମୟ ଚାକିରୀ ଜୀବନ ବାନ୍ଧି ପାରି ନଥିଲା। ୧୯୬୪ ମସିହାରେ ସଂଗୀତ କଳା ସଂସଦ ଅନୁଷ୍ଠାନ ଗଢିଥିଲେ। ପରବର୍ତ୍ତୀ ସମୟରେ ଅର୍ଥାତ୍ ୧୯୬୫ରେ ଆକାଶବାଣୀ କେନ୍ଦ୍ରରେ ଜଣେ ସ୍ୱୀକୃତି ପ୍ରାପ୍ତ କଳାକାର ଭାବେ ଘୋଡ଼ାନାଚ ପରିବେଷଣ କରିଥିଲେ। ତାଙ୍କ ଘୋଡ଼ାନାଚ ଏପରି ଲୋକପ୍ରିୟତା ପାଇଥିଲା ଯେ ଭାରତର ଅନେକ ରାଜ୍ୟରେ ସେ ତାଙ୍କ ଦଳ ସହିତ କାର୍ଯ୍ୟକ୍ରମ ପରିବେଷଣ କରୁଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ୧୯୭୧ ମସିହାରେ ଭୁବନେଶ୍ୱରର ଆଦିବାସୀ ପଡ଼ିଆରେ ଘୋଡ଼ାନାଚ ପରିବେଷଣ କରିଥିଲେ। ତାଙ୍କ ପ୍ରତିଭା ଓ ଘୋଡ଼ାନାଚ ପ୍ରତି ଅନନ୍ୟ ଆଗ୍ରହ ପାଇଁ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ୨୦୧୫ରେ ତାଙ୍କୁ ସମ୍ମାନଜନକ ଡକ୍ଟରେଟ ପ୍ରଦାନ କରିଥିଲେ। ୨୦୨୧ ନଭେମ୍ବର ୮ ତାରିଖରେ ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଠାରୁ ପଦ୍ମଶ୍ରୀ ଉପାଧି ଗ୍ରହଣ କରିଥିଲେ।

ଉତ୍ସବ ବାବୁଙ୍କ କଳାକାର ଜୀବନର ଆଉ ଏକ ମାର୍ମିକ ଦୁଃଖ ମଧ ଅଧୁରା ଏକ ସ୍ୱପ୍ନ ହୋଇ ରହିଗଲା। ଆମେ ସମସ୍ତେ ଭଲ ଭାବେ ଜାଣିଛେ ଓଡ଼ିଶାରେ ଜଣେ କଳାକାର ତାର ବୃତ୍ତିଗତ କଳା ସାଧନାକୁ ନେଇ ପରିବାର ଚଳାଇବା ଅତ୍ୟନ୍ତ କଷ୍ଟକର ଓ ଆହ୍ୱାନପୂର୍ଣ୍ଣ। ଏଥିରୁ ଉଚ୍ଛବ ବାବୁ ବି ବାଦ ପଡ଼ି ନଥିଲେ। ସରକାରଙ୍କ ଠାରୁ ଆବେଦନ କରି ମଧ ଘର ଖଣ୍ଡେ ପାଇଁ ଜାଗା ପାଇ ପାରି ନଥିଲେ। ତେବେ ଏକ ସଂଯୋଗର କଥା ହେଉଛି ଢ଼େର ଧାଁ ଧଉଡ଼ କଳାପରେ ଚାରି ଡିସିମିଲ ଜାଗା ପାଇବା ପାଇଁ ସେ ଶେଷ ନିଃଶ୍ୱାସ ତ୍ୟାଗ କରିବାର ପୂର୍ବଦିନ ଟଙ୍କା ତହସିଲ କାର୍ଯ୍ୟାଳୟରେ ଜମା କରିଥିଲେ କିନ୍ତୁ ନିଷ୍ଠୁର ନିୟତିର କି ଦାରୁଣ ବିଡ଼ମ୍ବନା ଟଙ୍କା ଜମା କରିବା ପରଦିନ ହିଁ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଦେଲେ। ଓଡ଼ିଶାର ପାରମ୍ପରିକ ଲୋକକଳାକୁ ସମୃଦ୍ଧ କରିବାରେ ସେ ଚିରଦିନ ପାଇଁ ସ୍ମରଣୀୟ ହୋଇ ରହିବେ। ଦୋଳ ସମୟରେ ଘୋଡ଼ାନାଚ ହିଁ ଅପୂର୍ବ ଆକର୍ଷଣ ସାଜିଥାଏ ରାଧାକୃଷ୍ଣଙ୍କ ମେଳଣର। କିନ୍ତୁ ଅତ୍ୟନ୍ତ କଷ୍ଟକର କଥା ଯେ ଏହି ଘୋଡ଼ା ନାଚର ତାଳେ ତାଳେ ନିଶ୍ଚିତ ସମସ୍ତଙ୍କ ହୃଦୟରେ ସ୍ପନ୍ଦିତ ହୋଇରହିବେ ଘୋଡ଼ାନାଚ ବିଷାରଦ ପଦ୍ମଶ୍ରୀ ଡକ୍ଟର ଉତ୍ସବ ଚରଣ ଦାସ। କେବଳ ଘୋଡ଼ାନାଚ ନୁହେଁ ନିଖୁଣ ଅଭିନୟ ଓ ଗୀତିକବିତା ମାଧ୍ୟମରେ ସେ ଆମ ଗୌରବାମହ ଓଡ଼ିଶାର ଲୋକ ସଂସ୍କୃତିକୁ ସମୃଦ୍ଧ କରିବାରେ ଯେଉଁପରି ଅବଦାନ ରଖିଥିଲେ ତାହା ଅତୁଳନୀୟ। ମହାପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କର ଅମର ଆତ୍ମାକୁ ଶାନ୍ତି ପ୍ରଦାନ କରିବା ସହ ତାଙ୍କ ପରିବାରକୁ ସମବେଦନା ଜଣାଉଛି।



**ଗୋତରା, ମାହାଙ୍ଗା, କଟକ,**
**ଦୂରଭାଷ : ୯୪୩୭୧୪୨୭୧୭**


## ଏହି ସପ୍ତାହ, ସେହି ବର୍ଷ (ମାର୍ଚ୍ଚ ୮-୧୪)

### ଏଇ ସପ୍ତାହ

ମାର୍ଚ୍ଚ ୮, ୧୯୧୧- ୟୁରୋପରେ ପ୍ରଥମ ଥର ଅନ୍ତଃରାଷ୍ଟ୍ରୀୟ ସ୍ତରରେ ମହିଳା ଦିବସ ପାଳନ କରାଯାଇଥିଲା।





ମାର୍ଚ୍ଚ ୯, ୧୮୨୨-ଚାର୍ଲସ୍ ଏଗ୍ ଗ୍ରାହମ୍ ପ୍ରଥମ ଥର ନକଲି ଦାନ୍ତର ପେଟେଣ୍ଟ୍ କରାଇଥିଲେ।



ମାର୍ଚ୍ଚ ୧୦, ୧୮୦୧- ଗ୍ରେଟ୍ ବ୍ରିଟେନ୍‌ରେ ପ୍ରଥମ ଥର ଜନଗଣନା କରାଯାଇଥିଲା।



ମାର୍ଚ୍ଚ ୧୧, ୨୦୦୧- ପୁଲେଲା ଗୋପିଚାନ୍ଦ ବ୍ୟାଡ୍‌ମିଣ୍ଟନ ଖେଳରେ ବିଶ୍ୱ ଚାମ୍ପିଅନ୍ ହୋଇଥିଲେ।




ମାର୍ଚ୍ଚ ୧୨, ୧୯୫୪-ଭାରତ ସରକାର ସାହିତ୍ୟ ଏକାଡେମୀର ଉଦ୍‌ଘାଟନ କରିଥିଲେ।




ମାର୍ଚ୍ଚ ୧୩, ୧୯୮୦-ସଞ୍ଜୟ ଗାନ୍ଧୀଙ୍କ ପୁତ୍ର ବରୁଣ ଗାନ୍ଧୀ ଏହି ଦିନ ଜନ୍ମଗ୍ରହଣ କରିଥିଲେ।



ମାର୍ଚ୍ଚ ୧୪, ୧୯୫୫- ରାଜକୁମାର ମହେନ୍ଦ୍ର ନେପାଳର ରାଜା ହୋଇଥିଲେ।



# ପଶୁପକ୍ଷୀଙ୍କ ଉକୁଣୀ ସମସ୍ୟା

**ଉକୁଣୀ ଏକ ଚିରସ୍ଥାୟୀ କୀଟ ଅଟେ । ଏହା ପ୍ରତ୍ୟେକ ପଶୁପକ୍ଷୀଙ୍କଠାରେ ଏକ ଗୁରୁତର ସମସ୍ୟା ରୂପେ ଉଷ୍ମ ଆର୍ଦ୍ର ଜଳବାୟୁ ବିଶିଷ୍ଟ ଦେଶମାନଙ୍କରେ ଦେଖା ଦେଇଥାଏ । କାରଣ ଏମାନେ ଅସ୍ଥିରତା, କୁଣ୍ଡେଇହେବା, ବିରକ୍ତିଭାବ ପ୍ରକାଶ କରିବା, ଚର୍ମରୋଗ, ରକ୍ତହୀନତା ସୃଷ୍ଟି କରିବା ସହିତ ଏକକୋଷୀ ପ୍ରାଣୀ, ଜୀବାଣୁ, ଭୂତାଣୁ ଜନିତ ରୋଗ ବଢ଼ାଇବାରେ ସାହାଯ୍ୟ କରନ୍ତି । ଉକୁଣିର ସଂଖ୍ୟା ମାତ୍ରାଧିକ ହେଲେ ଶରୀରରେ ରକ୍ତହୀନତା ସୃଷ୍ଟି ହୁଏ । ଶରୀର ଦୁର୍ବଳ ହୋଇପଡ଼େ । ବାଛୁରୀ ରୁଗ୍‌ଣ ପରି ଦିଶେ । ଲୋମ ଟାଙ୍କୁରି ଉଠିଲା ପରିହୁଏ । ପେଟରେ ଗୋଲାକୃତି କୃମି ବା ଅଙ୍କୁଶ କୃମିହେଲେ ମଧ୍ୟ ଉକୁଣିର ସଂଖ୍ୟା ବୃଦ୍ଧିପାଏ । ବୟସ ଅନୁପାତରେ ଶରୀର ବୃଦ୍ଧି ଘଟି ନଥାଏ । ତେଣୁ ବୟୋଃପ୍ରାପ୍ତିଃ ହେବାରେ ଡେରିହୁଏ । ଅନେକ କ୍ଷେତ୍ରରେ ବୟୋଃପ୍ରାପ୍ତ ପୂର୍ବରୁ ଦୁର୍ବଳ ବାଛୁରୀ ମୃତ୍ୟୁ ମୁଖରେ ପଡ଼ନ୍ତି । ଗାଈଗୋରୁଙ୍କର ଓଜନ ହ୍ରାସ ପାଏ ଏବଂ ସେମାନଙ୍କ ଠାରୁ ଉତ୍ପାଦନ କମିଯାଏ ।**

ସମସ୍ତ ସ୍ତନ୍ୟପାୟୀ ପ୍ରାଣୀ ଏବଂ ପକ୍ଷୀଙ୍କଠାରେ ଦେଖାଯାଏ । ଯଦି ଉକୁଣୀକୁ ପ୍ରାଣୀ ଶରୀର ବା ହୋଷ୍ଟ ଠାରୁ ଅଲଗା କରି ରଖାଯାଏ, ତାହେଲେ ସେମାନେ ଅଳ୍ପଦିନ ମଧ୍ୟରେ ମରିଯାଆନ୍ତି । ପ୍ରତ୍ୟେକ ଉକୁଣିର ଜାତି କେବଳ ଗୋଟିଏ ଶ୍ରେଣୀର ଜାତିର ପ୍ରାଣୀଙ୍କଠାରେ ଦେଖାଯାଏ । କେତେ ଉକୁଣି କେବଳ ଗୋଟିଏ ଜାତିର ପ୍ରାଣୀଙ୍କ ଠାରେ ମଧ୍ୟ ଦେଖାଦେଇଥାନ୍ତି ।

ଏହା ଗୋଟିଏ ଛୋଟ ଚେପଟା ପକ୍ଷୀବିହୀନ କୀଟ ଅଟେ । ଏହାର ଶରୀର ୯ଟି ଭାଗରେ ବିଭକ୍ତ ହୋଇଥାଏ । ଗୋଟିଏ ମୁହଁ ୩ ଯୋଡ଼ା ଗୋଡ଼ ଥାଏ । ଆଣ୍ଟେନା ୩-୫ ଭାଗରେ ଭାଗ ହୋଇଥାଏ । ବେଳେବେଳେ ଆଖି ନଥାଏ । ଏମାନେ ପକ୍ଷୀର ପରରେ କିମ୍ବା ପ୍ରାଣୀର ଲୋମରେ ଅଣ୍ଡା ଗୋଟି ଗୋଟି କରି କିମ୍ବା ପୁଞ୍ଜା ପୁଞ୍ଜା କରିଦେଇଥାନ୍ତି । ଏହାକୁ ନିଖି ବା ନିଟ୍‌ସ୍ କୁହନ୍ତି । ଅଣ୍ଡା ୨ ସପ୍ତାହ ମଧ୍ୟରେ ଫୁଟାନ୍ତି । ଲାର୍ଭା ୩ଟି ଅବସ୍ଥା ବା ମେଲଟିଙ୍ଗ୍ ଅତିକ୍ରମ କଲାପରେ ବଡ଼ ଉକୁଣିରେ ପରିଣତ ହୁଅନ୍ତି । ପ୍ରତ୍ୟେକ ଅବସ୍ଥା ବା ଷ୍ଟେଜ୍ ପାଇଁ ୫-୭ ଦିନ ସମୟ ଲାଗେ । ସମୁଦାୟ ପୂର୍ଣ୍ଣାଙ୍ଗ ଜୀବନ କାଳ ସମୟ ପାଇଁ ୩୫ ରୁ ୪୫ ଦିନ ଲାଗେ ।

ସାଧାରଣତଃ ୬ ଜାତିର ଉକୁଣି ଗାଈଗୋରୁଠାରେ ଦେଖାଯାଏ । ମୋଟ ଉପରେ ଏମାନଙ୍କୁ ୨ଭାଗରେ ବିଭକ୍ତ କରାଯାଇଥାଏ । ପ୍ରଥମଟି ହେଲା-

**୧. କାମୁଡ଼ିବା ଉକୁଣି:** ଏହି ଉକୁଣୀର ରଙ୍ଗ ଇଷତ୍ ଲାଲ୍ ମାଟିଆ । ଏହାର ମୁହଁ ଚଉଡ଼ା ଏବଂ ଲମ୍ଵ - ୧.୭୫ ମିଲି.ମି । ପ୍ରତ୍ୟେକ ଗାଈଗୋରୁଙ୍କ ଠାରେ ଏହା ଦେଖାଯାଏ । ଗୋରୁର ମୁଣ୍ଡ ଉପର ଅଂଶ ବେକ, କାନ୍ଧ, ପିଠି, ପଛଗୋଡ଼ର ଉପର ଅଂଶ ଠାରେ ବିଶେଷ ଭାବେ ଦେଖାଯାଆନ୍ତି । ଉକୁଣିର ସଂଖ୍ୟା ଅତ୍ୟଧିକ ହେଲେ ଶରୀରର ସମସ୍ତ ଅଂଶରେ ବ୍ୟାପିଯାଆନ୍ତି । ଲୋମର ମୂଳ ଅଂଶରେ ଏମାନେ ଅଣ୍ଡା ଦେଇଥାନ୍ତି । ଏ ଜାତିର ଉକୁଣିର ହାରହାରି ଜୀବନଚକ୍ରକାଳ ହେଲା- ଅଣ୍ଡାର ପରିବର୍ତ୍ତନ ସମୟ - ୮ ଦିନ । ପ୍ରଥମ ଲାର୍ଭା ସମୟ - ୭ ଦିନ, ୨ୟ ଲାର୍ଭା ସମୟ - ୫ ଦିନ, ୩ୟ ଲାର୍ଭା ସମୟ - ୬ଦିନ, ଜୀବନଚକ୍ର, ଅଣ୍ଡାରୁ ବୟୋଃପ୍ରାପ୍ତ - ୨୯ ଦିନ । ବଡ଼ ମାଈ ଉକୁଣି ଗାଈଗୋରୁଙ୍କ ଦେହରେ ୪୨ ଦିନ ବାସ କରନ୍ତି ଏବଂ ପ୍ରତି ୩୫ ଘଣ୍ଟାରେ ଥରେ ବା ଗୋଟିଏ ଅଣ୍ଡା ଦିଅନ୍ତି । ଗୋଟିଏ ମାଈ ଉକୁଣି ତାର ଜୀବନକାଳ ମଧ୍ୟରେ ୩୦ ଟି ଅଣ୍ଡା ଦେଇଥାନ୍ତି । ଅଣ୍ଡିରା ଉକୁଣି ମାଈ ଉକୁଣି ତୁଳନାରେ କମ୍ ଉତ୍ପନ୍ନ ହୁଅନ୍ତି । ଏମାନେ ଚର୍ମ କାମୁଡ଼ିବା ସହିତ ଚର୍ମରୁ ଖାଦ୍ୟରସ ସଂଗ୍ରହ କରନ୍ତି ।

**୨. ରକ୍ତ ଶୋଷିବା ଉକୁଣି:** ଉକୁଣିର ମୁହଁ ମାଟିଆ ରଙ୍ଗର ଦେହର ରଙ୍ଗ କଳା-ନୀଳ ରଙ୍ଗର । ଗୋଡ଼ ମାଟିଆ ପରି । ଏହାର ଅଣ୍ଡାଗୁଡ଼ିକ ଧଳା ବେଳେ ବେଳେ ମାଟିଆ ରଙ୍ଗର । ଏମାନେ ମୁଖ୍ୟତଃ ବେକର ଉପର ଅଂଶ, ଶିଙ୍ଗର ମୂଳ ଭାଗ, ଆଗ ଦୁଇ ଗୋଡ଼ର ମଧ୍ୟବର୍ତ୍ତୀ ଅଂଶ, ଲାଞ୍ଜମାନଙ୍କରେ ଦେଖାଯାଆନ୍ତି । ଏହି ଉକୁଣିର ଜୀବନଚକ୍ର ସମୟ ହେଲା - ଅଣ୍ଡାଦେବା ଠାରୁ ଛୁଆ ଫୁଟିବା ପର୍ଯ୍ୟନ୍ତ ସମୟ - ୯-୧୯ ଦିନ, ପ୍ରଥମ ଲାର୍ଭାବସ୍ଥା - ୪ଦିନ, ୨ୟ ଲାର୍ଭବସ୍ଥା- ୪ଦିନ, ୩ୟ ଲାର୍ଭାବସ୍ଥା - ୪ ଦିନ ଏବଂ ଜୀବନକାଳ ଅଣ୍ଡାରୁ ଅଣ୍ଡା ପର୍ଯ୍ୟନ୍ତ - ୨୮ଦିନ ଲାଗେ । ଅଣ୍ଡିରା ଉକୁଣିମାନେ ୧୦ଦିନ ବଞ୍ଚନ୍ତି ଏବଂ ମାଈମାନେ ୧୬ଦିନ ବଞ୍ଚିଥାନ୍ତି । ଗୋଟିଏ ମାଈ ଉକୁଣି ୩୫-୫୦ ଟି ଅଣ୍ଡା ତାର ଜୀବନକାଳ ମଧ୍ୟରେ ଦେଇଥାନ୍ତି । ଶୀତଦିନରେ ଉକୁଣି କର୍ମଠ ହୋଇ ଉଠନ୍ତି ଏବଂ ଶରୀରର ମୁହଁ, ଆଖି ଚାରିପଟ, ବେକ, ତଳବେକ, ଲାଂଜ ମୂଳ ଓ ଅଗ୍ରଭାଗ, ଅଣ୍ଡକୋଷ ପ୍ରଭୃତି ସ୍ଥାନମାନଙ୍କରେ ବିଶେଷ ଦେଖାଯାଆନ୍ତି ।

ଅନ୍ୟ ଜାତିର ଉକୁଣି

**୧. ମଇଁଷି ଉକୁଣି - ଉଦାହରଣ -**

ଏଗୁଡ଼ିକ ଖୁବ୍ ବଡ଼ ଆକୃତିର । ଅଣ୍ଡା ୯-୧୩ ଦିନରେ ଫୁଟନ୍ତି । ପ୍ରତ୍ୟେକ ୩ଟି ଲାର୍ଭାବସ୍ଥାର ସମୟ - ୩-୪ ଦିନ ଏବଂ ଛୁଆ ବଡ଼ ହେବାକୁ ୯-୧୧ ଦିନ ସମୟ ଲାଗେ ।

**୨. ଛୋଟ ବା କ୍ଷୁଦ୍ରନୀଳ ଉକୁଣି -**

ଏହା ରକ୍ତଶୋଷିବା ଉକୁଣି ମଧ୍ୟରେ ସବୁଠାରୁ ଛୋଟ ଏବଂ ୧.୨୫ ରୁ ୧.୭୫ ମି.ଲି ମି. ଲମ୍ଵ । ଏହାର ମୁଣ୍ଡ ଏବଂ ଛାତି ଅଂଶ ମାଟିଆ ରଙ୍ଗର ଏବଂ ଦେହ ନୀଳ ରଙ୍ଗର । ଏହାର ୩ଯୋଡ଼ା ଗୋଡ଼ ଥାଏ । ପ୍ରଥମ ଯୋଡ଼ା ଗୋଡ଼ ୨ୟ ଓ ୩ୟ ଯୋଡ଼ା ଗୋଡ଼ ଠାରୁ ଛୋଟ ଅଟେ । ଗରମ ଦିନରେ ଏମାନଙ୍କର ସଂଖ୍ୟା କମ୍ ଦେଖାଯାଏ । ଏହା ଏକ ରକ୍ତ ଶୋଷିବା ଉକୁଣି ।

**୩. ଲମ୍ଵା ନାକ ବିଶିଷ୍ଟ ଉକୁଣି -** ଏହାର ମୁଣ୍ଡ ଅତ୍ୟନ୍ତ ଲମ୍ଵା ଏବଂ ଅଣଓସାରିଆ ବା ଚଉଡ଼ା ଠାରୁ ଲମ୍ଵା ୨ଗୁଣ ଅଟେ । ଆଗ ଗୋଡ଼ ଯୋଡ଼ ପଛଗୋଡ଼ ୨ଯୋଡ଼ା ଅପେକ୍ଷା ଛୋଟ । ଏହା ବିଶେଷ କମ୍ ।

ଏହା ବୟସ୍କ ଗାଈଗୋରୁ ବା ବାଛୁରୀମାନଙ୍କ ଠାରେ ଦେଖାଯାଏ । ଅଣ୍ଡାଗୁଡ଼ିକ ଲମ୍ଵା ଏବଂ ୮-୧୩ ଦିନ ମଧ୍ୟରେ ଫୁଟନ୍ତି । ଏହାର ଜୀବନଚକ୍ର ଅଣ୍ଡାରୁ ଅଣ୍ଡା ଦେବାକୁ ୨୧-୩୦ ଦିନ ଲାଗେ । ଏହାକୁ ରକ୍ତ ଶୋଷିବା ଉକୁଣି କୁହନ୍ତି ।

**୪. ଲାଞ୍ଜ ଅଗ ଉକୁଣି-** ଏହା ଇଷତ୍ କଳାରଙ୍ଗର । ଏହର ମୁଣ୍ଡ, ଛାତି ଏବଂ ଗୋଡ଼ କଳା ମାଟିଆ ରଙ୍ଗର ଏବଂ ଦେହ କଳା ଧୂସର ବା କଷରା ଟଂଗର । ଏହି ଉକୁଣି, ଗାଈଗୋରୁଙ୍କ ଲାଞ୍ଜର ଅଗ୍ରଭାଗରେ ଦେଖାଯାଆନ୍ତି । କିନ୍ତୁ ବେଳେବେଳେ ଆଖିର ଚାରିପଟେ ଏବଂ କାନର ବାଳ ଅଂଶରେ ଦେଖାଯାଆନ୍ତି । ଲାଞ୍ଜର ଅଗ୍ରଭାଗରେ ଅଣ୍ଡା ଦିଅନ୍ତି ଏବଂ ଲାର୍ଭାଗୁଡ଼ିକ ନରମ ଚର୍ମ ଯଥା ପ୍ରସବ ଦ୍ଵାର, ମଳଦ୍ଵାର ଏବଂ ଆଖି ଚାରିପଟେ ଗତି କରନ୍ତି । ଅଣ୍ଡାରୁ ଛୁଆ ଫୁଟିବା ସମୟ -୧୧ଦିନ । ଏହା ରକ୍ତ ଶୋଷିବା ଉକୁଣିମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ।

**ବ୍ୟାପେ କିପରି-**

ପ୍ରତ୍ୟେକ ସୁସ୍ଥ ଗାଈଗୋରୁ ଉକୁଣି ଆକ୍ରାନ୍ତ ଗାଈଗୋରୁଙ୍କ ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିଲେ କିମ୍ବା ପରୋକ୍ଷ ଭାବେ ଏହି ଗାଈଗୋରୁଙ୍କ ବାସସ୍ଥାନ ବା ବ୍ୟବହୃତ କାଠ, ଅନ୍ୟାନ୍ୟ ଦ୍ରବ୍ୟ ସଂସ୍ପର୍ଶରେ ଆସିଲେ ଉକୁଣି ସହଜରେ ବ୍ୟାପିଥାଏ ।

**ଋତୁକାଳୀନ ଉତ୍ପତ୍ତି -** ଉକୁଣି ବର୍ଷର ସବୁ ସମୟରେ ଦେଖାଯାଆନ୍ତି । କିନ୍ତୁ ଶୀତଋତୁ ଏବଂ ବସନ୍ତଋତୁର ପ୍ରାରମ୍ଭରେ ଉକୁଣି ସଂଖ୍ୟା ବୃଦ୍ଧି ପାଇଥାଏ । ପ୍ରାଣୀର ପୁଷ୍ଟି, ଚର୍ମର ଅବସ୍ଥା, ସୂର୍ଯ୍ୟକିରଣ ବା ଆଲୋକର ପ୍ରଭାବ, ଚର୍ମର ଉତ୍ତାପ ଉପରେ ଏହାର ସଂଖ୍ୟା ନିର୍ଭର କରିଥାଏ । ଉକୁଣି ୯୦-୧୦୦୦ଏଫ୍ ମଧ୍ୟରେ ବଂଚିବାକୁ ଭଲପାଆନ୍ତି । ଖରାଦିନେ ଆଲୋକର ପ୍ରଭାବ ଅତ୍ୟଧିକ ହେତୁ, ଚର୍ମର ଉତ୍ତାପ ୧୦୫୦ ଏଫ୍‌କୁ ବୃଦ୍ଧିପାଏ । ଫଳରେ ଚର୍ମରେ ଉକୁଣି ସଂଖ୍ୟା କମିଯାଏ ।

**ଲକ୍ଷଣ -** ଉକୁଣି ଦ୍ଵାରା ସୃଷ୍ଟି ହେଉଥିବା ରୋଗକୁ ପେଡ଼ିକୁଲୋସିସ୍ କହନ୍ତି । ରକ୍ତ ଶୋଷିବା ଉକୁଣି କାମୁଡ଼ିବା ଉକୁଣି ଅପେକ୍ଷା କ୍ଷତିକାରକ । ପ୍ରଥମେ ଉକୁଣି ଦଳବଦ୍ଧ ହୋଇ ଚର୍ମ ଫୁଟାଇ ରକ୍ତ ଶୋଷିଥାନ୍ତି ଏବଂ ଖାଦ୍ୟସାର ସଂଗ୍ରହ କରନ୍ତି ।



ଗାଈଗୋରୁଙ୍କ ଦେହରେ ଉକୁଣି ଅତ୍ୟଧିକ ହେଲେ କୁଣ୍ଡେଇ ହେବା, ଅସ୍ଥିରତା ସୃଷ୍ଟି କରିବା, ବିରକ୍ତି ପ୍ରକାଶ କରିବା, ଲୋମ ଉପୁଡ଼ିବା, ରକ୍ତହୀନତା ଯୋଗୁ ରୁଗଣ ପରି ଦେଖାଯିବା ଇତ୍ୟାଦି ଲକ୍ଷଣ ପ୍ରକାଶ ପାଇଥାଏ । ଗୋରୁ ଦେହ ବା ମୁଣ୍ଡ କଠିନ ପଦାର୍ଥ ଉପରେ ବାରମ୍ବାର ଘଷି ଖଣ୍ଡିଆ କରିବା ସହିତ ଏହି ଖଣ୍ଡିଆ ସ୍ଥାନରେ ଜୀବାଣୁ ସଂକ୍ରମିତ ହୋଇ ଘା' ସୃଷ୍ଟି ହୁଏ । ଚର୍ମରୋଗ ଏବଂ କବକ ଜନିତ ରୋଗ ବୃଦ୍ଧିପାଏ । କ୍ଷୀର ଉତ୍ପାଦନରେ ବାଧା ସୃଷ୍ଟି କରେ । ବୟସ ଅନୁସାରେ ଶରୀର ବୃଦ୍ଧି ନଘଟି ଠିକ୍ ସମୟରେ ଗରମ ନଆସି ପ୍ରଜନନକ୍ଷମ ନହେବା ସହିତ ଦୁର୍ବଳ ଦେଖାଦେଇଥାଏ । ଶୀତଦିନେ ଉକୁଣି ସଂଖ୍ୟା ସର୍ବାଧିକ ବୃଦ୍ଧି ପାଇଥାଏ ।

**ଚିହ୍ନିବା ପ୍ରଣାଳୀ -** ସୂର୍ଯ୍ୟାଲୋକ ଉପସ୍ଥିତିରେ ବା ପ୍ରାଣୀଙ୍କୁ ଖରାରେ ରଖିଲେ ଉକୁଣି ଶରୀର ବିଭିନ୍ନ ଅଂଶରେ ଦେଖା ଦେଇଥାଏ । ଉପରୋକ୍ତ ଲକ୍ଷଣ ପ୍ରକାଶ ପାଇବା ଦ୍ଵାରା ମଧ୍ୟ ଏହା ଜଣାପଡ଼େ ।

**ସାବଧାନତା -** କୀଟନାଶକ ଔଷଧ ପ୍ରୟୋଗ କଲାବେଳେ ଯଥେଷ୍ଟ ସାବଧାନତା ଅବଲମ୍ବନ କରାଯିବା ଉଚିତ । କାରଣ ଏହା ପ୍ରାଣୀମାନଙ୍କ ଶରୀର ପାଇଁ କ୍ଷତିକାରକ । ଉପରୋକ୍ତ ଭାଗ ବା ପରିମାଣରେ କମ୍ ବେଶୀ ହେଲେ କିମ୍ବା ପ୍ରାଣୀର ପାଟି ବା ଆଖିରେ ପଡ଼ିଲେ ତାହା ପ୍ରାଣୀଙ୍କୁ ମୃତ୍ୟୁ ମୁଖକୁ ଠେଲିଦିଏ ।

**ଚିକିତ୍ସା-** ଉକୁଣିର ସଂପୂର୍ଣ୍ଣ ବିନାଶ ପାଇଁ ବିଭିନ୍ନ ପ୍ରକାର କୀଟନାଶକ ଔଷଧ ସର୍ତ୍ତକତାର ସହିତ ବ୍ୟବହାର କରିବାକୁ ପଡ଼ିଥାଏ । ଏଥିପାଇଁ ପ୍ରାଣୀମାନଙ୍କ ବାସସ୍ଥାନ ବା ଗୁହାଳେ ଏହି ସବୁ ଦ୍ଵାରା ପ୍ରୟୋଗ କରିବା ସହିତ ଗାଈଗୋରୁଙ୍କ ଶରୀରର ଉପରି ଭାଗରେ ଚିକିତ୍ସା କରିବା ଏକାନ୍ତ ବାଂଛନୀୟ । ଉକୁଣିର ଚିକିତ୍ସା ସାଧରଣତଃ ୩ଟି ଉପାୟ ରେ କରାଯାଇଥାଏ । ୧. ସେବା ବାତରଳ ସିଞ୍ଚନ, ୨. କଟନାଶକ ଔଷଧ ମିଶାପାଣିରେ ଗାଧୋଇଦେବା ।

**୩ . ଶୁଖିଲା ପାଉଡ଼ର ସିଞ୍ଚନ ପ୍ରଣାଳୀ ।**

ପ୍ରତ୍ୟେକ କୀଟନାଶକ ଔଷଧର ଚିକିତ୍ସା ପାଇଁ ମଧ୍ୟ ବିପରୀତ ରାସାୟନିକ ପଦାର୍ଥ ଥାଏ ଏବଂ ଆବଶ୍ୟକ ପଡ଼ିଲେ ଏହା ବ୍ୟବହାର କରାଯାଏ ।

**-ଡା. ବୀରକିଶୋର ପରିଡ଼ା**

## ସୃଜନଶୀଳତା ମନର ନୁହେଁ ଏକ ଗୋପନ କଥା...

# ଥାଏ ଅନେକ ବାସ୍ତବତା

### ପରିଚୟ:

**ବିଶିଷ୍ଟ ଯୁବ କବି, ପ୍ରାବନ୍ଧିକ, ଗାଳ୍ପିକ ଓ ସ୍ତମ୍ଭକାର ଭାବରେ ରାକେଶ ପଣ୍ଡା ଓଡିଶାର ଜଣେ ଚର୍ଚ୍ଚିତ ଚେହେରା। ଲେଖା ତାଙ୍କ ମନର ଏକ ଗୋପନ କଥା ନୁହେଁ ବରଂ, ନିଜ ଚତୁଃପାର୍ଶ୍ୱରେ ଘଟୁଥିବା ବିଭିନ୍ନ ଘଟଣା ଓ ଦୁର୍ଘଟଣା ମାନ ତାଙ୍କ ସୃଜନଶୀଳତା, ଲେଖକୀୟ ସୃଷ୍ଟି ଓ ରଚନାର ମୁଖ୍ୟ ଉପାଦାନ ଓ ଆଧାର। ପ୍ରକୃତିର ବିଭିନ୍ନ ରୂପ, ଚଞ୍ଚଳତା ଓ ସମାଜର ବାସ୍ତବ ଚିତ୍ର ତାଙ୍କୁ ପ୍ରତ୍ୟହ ଆକୃଷ୍ଟ କରିଥାଏ ଏବଂ ଭିନ୍ନ ଏକ ଅନୁଭବ ସୃଷ୍ଟି କରିଥାଏ ନୂତନ ଏକ ଭାବନା ଓ ସର୍ଜନାକୁ ଜନ୍ମ ଦେବା ନିମନ୍ତେ।**



କଟକ ଜିଲ୍ଲାସ୍ଥିତ ବନ୍ଦାଲୋ (ଟାଙ୍ଗୀ) ଗ୍ରାମର ଶ୍ରୀମତୀ ଦମୟନ୍ତୀ ପଣ୍ଡା ଓ ଶ୍ରୀ ଗୌରାଙ୍ଗ ଚରଣ ପଣ୍ଡାଙ୍କ କୋଳରେ ଜନ୍ମ ଗ୍ରହଣ କରିଥିବା ଶ୍ରୀ ପଣ୍ଡା ପିଲାବେଳରୁ ଅତ୍ୟନ୍ତ ବୁଦ୍ଧିମାନ, ବିଦ୍ୱାନ ଛାତ୍ର, ପ୍ରକୃତିରେ ସଂବେଦନଶୀଳ, ଭାବପ୍ରବଣ ଓ ସୃଜନ ଶକ୍ତିସମ୍ପନ୍ନ ଅଟନ୍ତି। ସ୍ୱାଭାବିକ ଭାବରେ ସେ ଆଉ କାହାର ମନର କଥାକୁ ସହଜରେ ବୁଝିପାରନ୍ତି। କାହା ଆଖିରେ ଲୁହ ଦେଖି, ତାଙ୍କ ଅଜାଣତରେ ଦୁଇ ଆଖି ଛଳଛଳ ହୋଇଯାଏ ଏବଂ ସାମନା ଲୋକର ଓଠରେ ଫୁଟିଉଠୁଥିବା ହସ ଟିକକ, ତାଙ୍କୁ ଖୁସିରେ ଆତ୍ମବିଭୋର କରିଦିଏ। ଉକ୍ତ ଅନୁଭବ ସବୁ ତାଙ୍କ ଲେଖନୀ ମୁନକୁ ଅନେକ ଖୋରାକ ଓ ବଳ ଯୋଗାଏ ଏବଂ ଲେଖାର ଉକ୍ତ ଭିନ୍ନ ଯାତ୍ରାରେ ଆଗକୁ ଆଗକୁ ନିରନ୍ତର ବଢି ଚାଲିବା ନିମନ୍ତେ ସାହସ ଓ ପ୍ରେରଣା ଦିଏ। ନିଜର ରଚନାରେ ସେ କମ୍ କଳ୍ପନା ଏବଂ ଅଧିକ ଜୀବନ ବାସ୍ତବତାକୁ ଅନ୍ତର୍ନିହିତ କରିଥାନ୍ତି । ଯେଉଁଥିରେ ସହଜ ଓ ସରଳ ଭାଷା ତଥା ଶବ୍ଦର ପ୍ରୟୋଗ ହୋଇଥାଏ। ଯେମିତିକି ଖୁବ୍ କମ୍ ପାଠ ପଢିଥିବା ପାଠକଟିଏ ମଧ୍ୟ ବିନା ଝୁଣ୍ଟିବା ସହ ଲେଖାଟିକୁ ପଢି ବୁଝିପାରୁଥିବ ।

ସ୍ୱଳ୍ପ ବୟସ ତଥା ପ୍ରାଥମିକ ଶିକ୍ଷା ଲାଭ ସମୟରୁ ହିଁ ସେ ଛୋଟ ଛୋଟ କବିତା ଓ ଗଳ୍ପ ରଚନା କରିଛନ୍ତି। ସ୍କୁଲ ଓ କଲେଜର ବାର୍ଷିକ ଦିବସ ପାଳନ ଉପଲକ୍ଷେ ପ୍ରକାଶିତ ସ୍ମରଣିକାରେ ତାଙ୍କର ଅନେକ କବିତା ଓ ଗଳ୍ପ ପ୍ରକାଶ ପାଇଛି। ତେବେ, ଦୀର୍ଘ ୨୦ ବର୍ଷର ନିରନ୍ତର ଯାତ୍ରାର ଯାତ୍ରୀଟିଏ ସାଜି, ଗଳ୍ପ, ପ୍ରବନ୍ଧ, କବିତା ଓ ସ୍ତମ୍ଭ ରୂପରେ ପ୍ରାୟ ୧୦୦୦ ରୁ ଅଧିକ ଲେଖା ସେ ରଚନା କରିସାରିଛନ୍ତି। ତନ୍ମଧ୍ୟରୁ ଅଦ୍ୟାବଧି ୪୦୦ ରୁ ଅଧିକ ଲେଖା ବିଭିନ୍ନ ଅଗ୍ରଣୀ ଦୈନିକ ସମ୍ବାଦପତ୍ରରେ ପ୍ରକାଶିତ ହୋଇଅଛି। ଅନୁଭବ ହୁଏ, ଯେପରି ଲେଖା ଓ ଲେଖିବାର ଯାତ୍ରା ତାଙ୍କ ଜୀବନ ବଞ୍ଚିବାର ଏକ ଭିନ୍ନ କାରଣ ଅଟେ।


ନିଶାରେ ଲେଖକ ସାଜିଥିବା ଶ୍ରୀ ପଣ୍ଡା ଦୈନନ୍ଦିନ ଜୀବନ ଯାପନରେ ସୁନ୍ଦର ସମନ୍ୱୟ ରକ୍ଷା କରିଥାନ୍ତି। ତିନୋଟି ଜୀବନସାଥିଙ୍କ ସହ ସେ ଜୀବନ ନିର୍ବାହ କରନ୍ତି ! ପ୍ରଥମ ଜଣଙ୍କ ତାଙ୍କର ବ୍ୟକ୍ତିଗତ ଓ ସାମାଜିକ ଦାୟିତ୍ୱବୋଧତା ହୋଇଥିବା ବେଳେ, ଦ୍ୱିତୀୟଟି ବୃତ୍ତି ତଥା କର୍ମକ୍ଷେତ୍ର ଏବଂ ତୃତୀୟ ଜଣଙ୍କ ତାଙ୍କର ଲେଖନୀ ଅଟେ। ଗୋଟିଏ ଦିବସର ଦାୟିତ୍ୱ ଓ ବ୍ୟସ୍ତବହୁଳ ପୂର୍ଣ୍ଣ ୨୪ ଘଣ୍ଟାକୁ ସେ ଅତି ସରଳ ଭାବରେ ଭାଗ କରିଥାନ୍ତି ନିଜର କର୍ମ, କର୍ତ୍ତବ୍ୟ ଓ ରୁଚି ମଧ୍ୟରେ। ବେଳେବେଳେ କଷ୍ଟ ହୁଏ, କିନ୍ତୁ ବ୍ୟକ୍ତିଗତ ମନୋରଞ୍ଜନ ଓ ବିଶ୍ରାମ ସହ ସାଲିସ୍ କରି, ବିଭିନ୍ନ ପ୍ରତିକୂଳ ପରିବେଶ ଓ ପରିସ୍ଥିତିକୁ ସାମନା କରି, ନିଷ୍ଠା ଓ ଧୈର୍ଯ୍ୟର ସହ ସେ ନିରନ୍ତର ଆଗକୁ ବଢି ଚାଲନ୍ତି ଲେଖକୀୟ ଅଦୃଶ୍ୟ ପଥରେ। ସେ କହନ୍ତି, ବାସ୍ତବ ସଫଳତା ପ୍ରାପ୍ତି ନିମନ୍ତେ କୌଣସି ଗଳାବାଟ ତଥା ସଂକ୍ଷିପ୍ତ ରାସ୍ତା ନଥାଏ। ସଂଘର୍ଷ ଓ ସାଧନା ହିଁ ଜଣେ ମଣିଷକୁ କୌଣସି ଏକ କ୍ଷେତ୍ରରେ ସିଦ୍ଧି ତଥା କୃତି ପ୍ରଦାନ କରିଥାଏ।

ସେ ପଢିବାରେ ରୁଚି ରଖନ୍ତି ଏବଂ ଜ୍ଞାନ ଆହରଣ ଉଦ୍ଦେଶ୍ୟରେ ଅନେକ ଲେଖକଙ୍କର ଗଳ୍ପ, କବିତା, ପ୍ରବନ୍ଧ ଓ ଉପନ୍ୟାସ ପଢିଛନ୍ତି। କିନ୍ତୁ କାହାଙ୍କୁ କେବେ ଅନୁସରଣ କରନ୍ତି ନାହିଁ ! ଛୋଟ ବ୍ୟକ୍ତିତ୍ୱ ହେଉ ପଛକେ ସେ ନିଜର ସୃଜନଶୀଳତା ମାଧ୍ୟମରେ ସମାଜରେ ଓ ଲେଖନୀ କ୍ଷେତ୍ରରେ ଏକ ଭିନ୍ନ ଓ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ଚାହାଁନ୍ତି ଏବଂ ପାଠକଙ୍କର ମନ ଓ ହୃଦୟରେ ନିଜର ଶୈଳୀ, ଲେଖା ଓ ରଚନାର ଗୋଟିଏ ସ୍ୱତନ୍ତ୍ର ଛାପ ଛାଡିଯିବାକୁ ପସନ୍ଦ କରନ୍ତି। ଏହାଛଡା, ଲେଖନୀକୁ ସେ ନିଜ ଜୀବନର ଏକ ସାମାଜିକ ଦାୟିତ୍ୱବୋଧତା ଭାବରେ ଗ୍ରହଣ କରିଛନ୍ତି । ତାଙ୍କର ଲେଖନୀ ମୁନ କିପରି ସମାଜରେ କିଛି ସକାରାତ୍ମକ ଓ ଗଠନାତ୍ମକ ପରିବର୍ତ୍ତନ ଆଣିବା ସହ, ସମାଜ ସୁଧାରକ ଭାବରେ କାରକ ସାଜିବ, ସେଥିଲାଗି ସେ ସର୍ବଦା ଚେଷ୍ଟିତ ରହନ୍ତି।



ଲେଖକୀୟ ରଚନାରୁ ସ୍ୱତଃ ପ୍ରାପ୍ତ ହେଉଥିବା ସ୍ୱଳ୍ପ ପାରିଶ୍ରମିକ ତଥା ଅର୍ଥ ରାଶିକୁ ସେ ଅଲଗା କରି ସଞ୍ଚୟ କରନ୍ତି। ଯାହାକୁ ପରବର୍ତ୍ତୀ ସମୟରେ କୌଣସି ଏକ ଦରକାରୀ ଓ ଅଭାବୀ ଲୋକକୁ ସାହାଯ୍ୟ ଆକାରରେ ପ୍ରଦାନ କରିଥାନ୍ତି।

କୃତି ଓ ସଫଳତା: ନିଜର କଠିନ ପରିଶ୍ରମ, ସାଧନା, ସଂଘର୍ଷ ଓ ନିଷ୍ଠା ମାଧ୍ୟମରେ ଖୁବ କମ୍ ବୟସରୁ ସେ ସାଉଁଟିଛନ୍ତି ଅନେକ ଅଚିହ୍ନା ଲୋକ ତଥା ପାଠକଙ୍କର ଭଲପାଇବା, ସ୍ନେହ, ଶୁଭେଚ୍ଛା, ଅଭିନନ୍ଦନ ଓ ଆଶୀର୍ବାଦ। ଏଥିସହ, ସମାଜରେ ଏକ ଲେଖକୀୟ ସାମାଜିକ ସ୍ୱୀକୃତି ଭାବରେ ଅନେକ ପୁରସ୍କାର ଓ ସମ୍ମାନରେ ସମ୍ମାନିତ ହେବା ସହ ସମ୍ମାନିତ ଅତିଥି ଭାବରେ ମଧ୍ୟ ବିଭିନ୍ନ ସଭା ଓ କାର୍ଯ୍ୟକ୍ରମରେ ଯୋଗଦାନ କରିଛନ୍ତି । ମିଳିଥିବା ପୁରସ୍କାର ମଧ୍ୟରୁ, 'ଗୀତାଞ୍ଜଳି ଉତ୍କର୍ଷ ସମ୍ମାନ-୨୦୨୪', 'ଉତ୍କଳ ରତ୍ନ-୨୦୨୪', 'ସଂସ୍କୃତି ସେବା ସମ୍ମାନ-୨୦୨୫', 'ଶାନ୍ତି ସ୍ତୂପ ସମ୍ମାନ-୨୦୨୫', 'ଓଡିଶା ପତ୍ରକାର ସଂଘ ଦ୍ୱାରା ଶ୍ରେଷ୍ଠ ଯୁବ ଲେଖକ ସମ୍ମାନ-୨୦୨୫', 'କାଞ୍ଚନ କର୍ପୋରେଟ ସମ୍ମାନ-୨୦୨୫', 'ଆଦିତ୍ୟ ସେବା ସମ୍ମାନ-୨୦୨୫', 'ଗୁରୁ ଦେବପ୍ରସାଦ ଯୁବ ପ୍ରତିଭା ସମ୍ମାନ-୨୦୨୫', 'ଦ୍ୱାରିକାରତ୍ନ ସମ୍ମାନ-୨୦୨୫' ଅନ୍ୟତମ ଅଟେ। ଏଥିସହ ମୁଖ୍ୟଧାରାର ଲେଖକ ଭାବରେ ଦୈନିକ ସଂବାଦପତ୍ର ପ୍ରଗତିବାଦୀ ଓ ଯୁବ ଲେଖକ ଭାବରେ କିଟ୍ ମେଡିଆ ବିଶ୍ୱବିଦ୍ୟାଳୟ ଦ୍ୱାରା ସମ୍ବର୍ଦ୍ଧିତ। ନିକଟ ଅତୀତରେ ପ୍ରକାଶିତ ତାଙ୍କର ପୁସ୍ତକ 'ସମୟ ସମୟର କଥା' ଓ 'ନିରୁର୍ଦ୍ଧିଷ୍ଟ ନୀରବତା' ଅନେକ ଲୋକପ୍ରିୟତା ଏବଂପାଠକୀୟ ପ୍ରଶଂସା ତଥା ଆଦୃତି ଲାଭ କରିଛି ।



ଆଜିର ଯୁବପିଢିଙ୍କ ପାଇଁ ସେ ଗୋଟିଏ ବଡ ସଫଳ ଉଦାହରଣ, ପ୍ରେରଣା ଓ ଉତ୍ସାହ ସାଜିଛନ୍ତି। ସାଂପ୍ରତିକ ସ୍ଥିତିକୁ ଆଧାର କରି ସୃଜନଶୀଳତା ତଥା ଲେଖନୀ ମାଧ୍ୟମରେ ସମାଜରେ ବିପ୍ଳବ ସୃଷ୍ଟି କରିଛନ୍ତି। ବୁଦ୍ଧିଜୀବୀ ଓ ଯୁବବର୍ଗଙ୍କୁ ପ୍ରଭାବିତ କରିବା, ଏବଂ ସମାଜର ଶ୍ରେଷ୍ଠ ହିତ ସାଧନ ତଥା ଓଡିଆ ଭାଷା, ସାହିତ୍ୟ ପ୍ରତି ରହିଛି ତାଙ୍କର ଅତୁଳନୀୟ ଅବଦାନ। ସେ କହନ୍ତି, ଯେଉଁମାନେ ନୂଆ କରି ଲେଖିବା ଆରମ୍ଭ କରୁଛନ୍ତି, ସେମାନେ ନିଜ ଲେଖା ମାଧ୍ୟମରେ କୌଣସି ପାଇବାର ଆଶା ତଥା ଉଦ୍ଦେଶ୍ୟ ନରଖି, ନିରନ୍ତର ଲେଖି ଚାଲନ୍ତୁ। ଲେଖନୀର ଉକ୍ତ ଯାତ୍ରା ନିଶ୍ଚିତ ଭାବରେ ତାଙ୍କୁ ଦିନେ ନା' ଦିନେ, ଗୋଟିଏ ସମୟରେ ଏକ ସୁପରିଚିତ ଓ ପ୍ରତିଷ୍ଠିତ ସ୍ଥାନରେ ସ୍ଥାନିତ କରିବ। ଉକ୍ତ ସମୟକୁ କେବଳ ଧୈର୍ଯ୍ୟର ସହ ଅପେକ୍ଷା କରିବା ଜରୁରୀ।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ହେଉଛି ବହୁ ପୁରାତନ ଏବଂ ପ୍ରେମ ଓ ସମ୍ବେଦନଶୀଳ ଭରା। ନିଜର ଲେଖନୀ ମାଧ୍ୟମରେ ସେ ଚେଷ୍ଟା କରୁଛନ୍ତି ଏଥିରେ ନିଜର ଶ୍ରେଷ୍ଠ ଅବଦାନ ଦେବା ନିମନ୍ତେ ଏବଂ ଯଦି ଆଗକୁ କେବେ ସରକାର କିମ୍ବା କୌଣସି ପ୍ରତିଷ୍ଠିତ ଅନୁଷ୍ଠାନ ଏହି କ୍ଷେତ୍ରରେ ତାଙ୍କୁ କାର୍ଯ୍ୟ କରିବାକୁ ତଥା ଦାୟିତ୍ୱ ଦେବାକୁ ସୁଯୋଗ ଓ ଅବସର ପ୍ରଦାନ କରନ୍ତି, ତେବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ପରିବର୍ତ୍ତନ ଓ ରୂପାନ୍ତରିକରଣ ପ୍ରକ୍ରିୟା ମାଧ୍ୟମରେ ସ୍ୱଚ୍ଛତା ଓ ଉନ୍ନତି ଆଣିବା ସହ ଏହାର ଏକ ଭିନ୍ନ ପରିଚୟ ସୃଷ୍ଟିକରିବା ନିମନ୍ତେ ନିଜର ବଳିଷ୍ଠ ଅବଦାନ ପ୍ରଦାନ କରିବାକୁ ସେ ଆପ୍ରାଣ ଚେଷ୍ଟା କରିବେ।

ଅପେରା ଆଇଟମ୍

ଶ୍ରୀଗୋବିନ୍ଦ

## ରଙ୍ଗମଞ୍ଚ ଡ଼ାକେ ଆ...ଆ...

# ଆଧୁନିକ ରଙ୍ଗମଞ୍ଚର ପରିକଳ୍ପନା



ଆଧୁନିକ ଅପେରାର ରଙ୍ଗମଞ୍ଚ ଏବଂ ନୂଆ ପାର୍ଟିମାନେ ମୁଣ୍ଡ ଟେକିଲେ। ପାର୍ବତୀ, ତୁଳସୀ, ଶିବାନୀ, ରାଜଶ୍ରୀ, ଜଗଦ୍ଧାତ୍ରୀ, ବାଘାଯତୀନ, ଧଉଳି, କୋଣାର୍କ ଆଦି ଅପେରାମାନେ ଯାତ୍ରାର ଯାତ୍ରାରେ ସାମିଲ ହେଲେ। ଗୋଟିଏ ମଞ୍ଚରୁ ଦୁଇଟି, ଦୁଇଟିରୁ ତିନୋଟି ମଞ୍ଚର ପରିକଳ୍ପନା କରାଗଲା। ଆକର୍ଷଣୀୟ ମୁଖଶାଳା ସ୍ୱରୂପ ତୋରଣ ଏବଂ ସାଜସଜ୍ଜାରେ ଚାରଚାନ୍ଦ୍ ଲାଗିଗଲା। ମେଲୋଡ଼ି ଓ ରେକର୍ଡ଼ ଡ୍ୟାନ୍ସର ଜମାନା ଆସିଗଲା। ଦର୍ଶକମାନେ ନାଟକ ଭିତରକୁ ପଶିବା ପୂର୍ବରୁ ହାଲକା ଫୁଲକା ଆଙ୍କରିଂ ଭିତରେ ଗୀତ, ନାଚର ମଜା ନେଲେ। ଟିକେଟ ସୋ ଆରମ୍ଭ ହେଲା ଓ ଯାତ୍ରା ବି ବ୍ୟବସାୟିକ ସଫଳତା ସାଉଣ୍ଟିଲା । ନୂଆ କାହାଣୀ, ନୂଆ ନାଁରେ ନାଟକ ଲେଖାହେଲା । ସାମାଜିକ ଘଟଣାକୁ ନାଟକ ମାଧ୍ୟମରେ ସଚେତନ କରିବାକୁ ଯାତ୍ରା ଯେମିତି ମାଧ୍ୟମ ପାଲଟିଗଲା। ତଳେ ଜରିପାଲ ପକାଇ ବସିବା ବଦଳରେ ଚେୟାରରେ ବସି ରାତି ସାରା ନାଟକ ଉପଭୋଗ କରିବାକୁ ଦର୍ଶକ ବି ଉଚିତ୍ ମଣିଲେ । ଏମିତି ହେଲା ଶୀତତାପ ନିୟନ୍ତ୍ରିତ ବି ହୋଇଗଲା ଗ୍ୟାଲେରୀ । ଟିକେଟର ଦାମ ସିନେମା ଟିକେଟର ଦାମ୍ ଠାରୁ ଦଶଗୁଣା ହୋଇଗଲା । ଯାତ୍ରା ଓଡ଼ିଶା କାହିଁକି ସୁରଟ, ଦିଲ୍ଲୀ, ବମ୍ବେ, ଝାଡ଼ଖଣ୍ଡ ଆଦି ରାଜ୍ୟକୁ ବି ବ୍ୟାପିବାରେ ଲାଗିଲା। ସାତରଙ୍ଗ ଲାଗିଲା ରଙ୍ଗଶାଳାରେ। ଯେଉଁ କଳାକାର ଭୋକ ଓପାସରେ ଗୁହାଳ ଘରେ ରାତ୍ରୀଯାପନ କରି କଳାକୁ ବଞ୍ଚାଇବାକୁ ନାଟୁଆ ହୋଇଯାଇଥିଲେ, ସମସ୍ତଙ୍କର ପାରିଶ୍ରମିକ ବଢ଼ିଗଲା। ଯାତ୍ରା ହୋଇଗଲା ଏକ ଇଣ୍ଡଷ୍ଟ୍ରୀ। ନାଟ୍ୟକାର, ନିର୍ଦ୍ଦେଶକ, କଳକାରଙ୍କଠାରୁ ପୁଣି ତମ୍ବୁ ଟାଣିବା ଲୋକଙ୍କ ପର୍ଯ୍ୟନ୍ତ ସମସ୍ତେ ରୋଜଗାରକ୍ଷମ ହେଲେ।



### ନାଟକ ଓ ଟିକେଟ-

ନାଟକ ପାଇଁ ଟିକେଟ କିଣିବାର ହେଲା କରିନାହିଁ ଓଡ଼ିଆ ଦର୍ଶକ। ନାଟକକୁ ନେଇ ବ୍ୟବସାୟ ଆରମ୍ଭ କରିଦେଲେ ମାଲିକମାନେ। ଆସ୍ତେ ଆସ୍ତେ ବ୍ୟୟବହୁଳ କରିଦେଲେ ଯାତ୍ରାକୁ। ନାଟକର କାହାଣୀକୁ ଗୁରୁତ୍ୱ କମ ଦେଇ ମେଲୋଡିରେ ଥିବା ଡ୍ୟାନ୍ସକୁ ଅଧିକ ଗୁରୁତ୍ୱ ଦେଲେ। ଷ୍ଟିଲ ଫ୍ରେମର ମଞ୍ଚ ତିଆରି କରି ଟିକେଟର ଦାମକୁ ବଢ଼ାଇଦେଲେ। ଏମିତି ଏକ ସ୍ଥିତି ଉପୁଜିଲା ଯେ ଟିକେଟର ଦାମ ଦେଖି ଦର୍ଶକ ମୁହଁ ଫେରାଇବାକୁ ବାଧ୍ୟ ହେଲେ। ଛୋଟ ଛୋଟ ପାର୍ଟି ବି ବ୍ୟବସାୟିକ ସଫଳତା ପାଇ ନପାରି ବନ୍ଦ କରିଦେବାକୁ ବାଧ୍ୟ ହେଲେ। ଠିକ ଏହି ସମୟରେ ଟିଭିରେ ନାଟକ ମାଗଣାରେ ଦେଖିବାକୁ ପସନ୍ଦ କଲେ ଦର୍ଶକ, ଯାହାଦ୍ୱାରା ଯାତ୍ରାର ଆଦର କମି କମି ଯିବାର ଲାଗିଲା।

### ନାଟକ ନୁହେଁ ଫାଟକ-

ନାଟକ ଅପେକ୍ଷା ଯାତ୍ରା ପାର୍ଟିମାନେ ଫାଟକ ତିଆରି କରିବାରେ ଲାଗିଛନ୍ତି। ପ୍ରତିଯୋଗୀ ମନୋଭାବ ନେଇ ବ୍ୟୟବହୁଳ ଭାବରେ ଷ୍ଟିଲ ଫ୍ରେମର ବଡ଼ ବଡ଼ ଫାଟକ ସିନା ନିର୍ମାଣ କରୁଛନ୍ତି, ନାଟକକୁ ଗୁରୁତ୍ୱ ଦେଉନାହାନ୍ତି। ମନ୍ଦିରଠାରୁ ମୁଖଶାଳା ବଡ଼ ହୋଇଗଲା। ନାଟକ ସଦୃଶ ଦିଶୁଁ ହୋଇଗଲେ ଗୌଣ। ନାଟକକୁ ଗୁରୁତ୍ୱ ନଦେଇ ମଲୋଡ଼ିରେ ଦର୍ଶକଙ୍କୁ ବାନ୍ଧି ରଖିବାର ପ୍ରୟାସ କରାଗଲା। ଖୋଲାମେଲା ହୋଇଗଲା ସଂସ୍କୃତିର ସରହଦ। ଅପସଂସ୍କୃତି ଓ ନଗ୍ନତାର ଆଶ୍ରୟରେ ଦେବତ୍ୱରୁ ଦୈତ୍ୟକୁ ଡ଼େଇଁପଡୁଛି ଯାତ୍ରାର ପରମ୍ପରା।

### ନଗ୍ନ ନୃତ୍ୟର ଜଲୱା-

ଆସ୍ତେ ଆସ୍ତେ ମାଡ଼ି ଆସୁଛି ଅମାବାସ୍ୟା ପରି ରେକର୍ଡ଼ ଡ୍ୟାନ୍ସର ନଗ୍ନତା। ତୋଫାଜହ୍ନ ପରି ନାଟକ ହୋଇଯାଉଛି ଗ୍ରହଣ ଖଣ୍ଡିଆ। ନାବାଳକ ବା ନାବାଳିକାଙ୍କ ଯୌନତାର ବିଭିଷୀକା, ଅଙ୍ଗପ୍ରଦର୍ଶନ ବାଧ୍ୟ କରୁଛି ବାରଙ୍ଗନାଗଳିର ନାଲିବତୀ ଏରିଆକୁ ରୂପାନ୍ତରିତ ହେବାକୁ ରଙ୍ଗମଞ୍ଚକୁ। ପବିତ୍ର ମଞ୍ଚରେ ଦେଖାଯାଉଛି କଳାପାହାଡ଼ର ଆକ୍ରମଣ। ଭୟରେ ନାଟକ ସଦୃଶ ଦିଶୁଁ ଲୁଚିଯିବାକୁ ବାଧ୍ୟ ହେଉଛି। କେହି କେହି ଏହାକୁ ସାମାଜିକ ଅବକ୍ଷୟର ନମୁନା ବୋଲି କହୁଛନ୍ତି। କେବଳ ଯୁବକ କି କିଶୋରଙ୍କ ମନୋରଞ୍ଜନ ପାଇଁ ଏ ଯାତ୍ରା ସଂସ୍କୃତିର କଣ ସୃଷ୍ଟି ହୋଇଥିଲା ? ନଗ୍ନ ନୃତ୍ୟକୁ ନେଇ ଯାତ୍ରାରେ ଏବେ ପଡ଼ିଛି ଚହଳ। କିଏ କେତେ ପରିମାଣରେ ଅଶ୍ଳୀଳ ନାଚ ଦେଖାଇ ଟିକେଟ ବିକି ପାରିବ, ଚାଲିଛି ପ୍ରତିଯୋଗିତା। ଯାତ୍ରା ଯେମିତି ନଗ୍ନ ନୃତ୍ୟ ଉପରେ ଭରସା କରି ବ୍ୟବସାୟ କରିବାକୁ ଏକ ପ୍ରକାର ପ୍ରସ୍ତୁତ ହୋଇଯାଇଛି, ଯାତ୍ରାର ସ୍ଥିତିକୁ ଦେଖିଲେ ଜଣାପଡୁଛି।

### ଆୟୋଜକଙ୍କ ଉଦ୍ଦେଶ୍ୟ କଣ !

ନଗ୍ନ ନୃତ୍ୟକୁ ନେଇ ଅନେକ ବାଦବିବାଦ ଦେଖା ହେବା ପରେ, ତାହା ମଧ୍ୟ ଥମିବାର ନାଁ ଧରୁନାହିଁ। ଯାତ୍ରାରେ ନୁହେଁ ବରଂ ଆମଦାନୀରେ ଯାଉଥିବା ଚାରି କି ପାଞ୍ଚ ନର୍ତ୍ତକୀ କେବଳ ନଗ୍ନ ନୃତ୍ୟ ପରିବେଷଣ କରୁନାହାନ୍ତି ବରଂ ସବୁ ସୀମା ଉଲଙ୍ଘନ କରି ମଞ୍ଚରେ ଉଲଗ୍ନ ହୋଇ ଯେଭଳି ଭାବରେ ବାତାବରଣ ସୃଷ୍ଟି କରୁଛନ୍ତି, ସେମାନଙ୍କର ଉଦ୍ଦେଶ୍ୟ ଯାହା ଥାଉ, ଆୟୋଜକଙ୍କ ଉଦ୍ଦେଶ୍ୟ କଣ ବୁଝାପଡୁନି। କଳା, ସଂସ୍କୃତି, ପରମ୍ପରାକୁ ବଞ୍ଚେଇ ରଖିବା ସହ ଦର୍ଶକଙ୍କ ମନୋରଞ୍ଜନ ପାଇଁ ଯାତ୍ରା କମିଟି କରି ଯେଉଁ ପାର୍ଟିମାନଙ୍କୁ ନେଉଛନ୍ତି, ସେଥିରେ ଏଭଳି ନର୍ତ୍ତକୀଙ୍କୁ ନେଇ ନୃତ୍ୟ ପରିବେଷଣ କରିବାର ଉଦ୍ଦେଶ୍ୟ କଣ ? ସୀମା ଟପି ନଗ୍ନ ନୃତ୍ୟ କରୁଥିବା ନର୍ତ୍ତକୀଙ୍କୁ ଦେଖିବା ପରେ ସମାଜ ଶିଖିବ କଣ ? ନିଜ ଘର ପରିବାରର ସଦସ୍ୟକୁ ନେଇ ଏମାନେ ନିଜେ ଏହି ବିକୃତ ନାଚ ଦେଖିପାରିବେ ତ ?

'ନିତିଦିନ'ର ରବିବାର କ୍ରୋଡ଼ପତ୍ର 'ନଜର'କୁ ପର୍ଯ୍ୟଟନସ୍ଥଳୀ, ହସକଥା, ସୌନ୍ଦର୍ଯ୍ୟ, ରୋଷେଇ, ସିନେମା ଖବର, ସ୍ୱାସ୍ଥ୍ୟ, କ୍ୟାରିୟର ସମ୍ବନ୍ଧୀୟ ଲେଖା ପଠାଇବାକୁ ଚାହୁଁଥିଲେ, ନିମ୍ନଲିଖିତ ଠିକଣାରେ ପଠାନ୍ତୁ-